# ଜନଗହଳି ସ୍ଥାନରେ ପାନୀୟ ଜଳ ସୁବିଧା ଉପରେ ଗୁରୁତ୍ୱ

## ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନେଇ ଜିଲାସ୍ତରୀୟ ପ୍ରସ୍ତୁତି

ଭଦ୍ରକ,୬।୩(ସନାତନ ରାଉତ)

ଆଗକୁ ଗ୍ରୀଷ୍ମପ୍ରବାହ ଆସୁଥିବା ବେଳେ ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ବୈଠକରେ ଅଧ୍ୟକ୍ଷତା କରି ଅଂଶୁଘାତ ସମୟରେ ଲୋକଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କରେ ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗ ସଜାଗ ରହିବା ସହ ଅଂଶୁଘାତଜନିତ ଶୂନ ମୃତ୍ୟୁ ଉପରେ ଗୁରୁତ୍ୱ ଦିଆଯାଇଛି। ଲୋକଙ୍କୁ ସଚେତନ କରିବା ସହ ସବୁ ଜନଗହଳି ସ୍ଥାନରେ ପାନୀୟ ଜଳ ସୁବିଧା, ସହର ଓ ଗ୍ରାମାଞ୍ଚଳରେ ଶୀତଳ ପାଣି ଘର ସ୍ଥାପନ, ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅଂଶୁଘାତ ଚିକିତ୍ସା ପାଇଁ ବିଶେଷ ୱାର୍ଡ ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ ରଖିବା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ମାଧ୍ୟମରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଜ୍ଞାନରଞ୍ଜନ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ସ୍ୱସ୍ଥ୍ୟ ବିଭାଗ ଅଧିକାରୀ ଓ ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ।

# ସରିଲା ପୀରହାଟ ଦେଶମେଳଣ

ତିହିଡ଼ି,୬।୩(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ପୁରୁଣାବଜାରସ୍ଥିତ କାଳୀପଡ଼ିଆରେ ଚାଲିଥିବା ୧୩୦ ବର୍ଷର ଦେଶମେଳଣ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣରେ ଦୌଲତପୁର, ବାମନବିନ୍ଧା ଓ ହରିସିଂହପୁର ପଞ୍ଚାୟତ ଅଧୀନ ମାଳପୁର, ବିନ୍ଧା, ଦୌଲତପୁର, ଖେଦରପୁର, ବାମନବିନ୍ଧା, ଶ୍ରୀରାମପୁର, ହରସିଂହପୁର, ପାଢ଼ୀସାହି, ନଳତେଇ ଇତ୍ୟାଦି ଗ୍ରାମର ୧୯ଟି ଦୋଳ ବିମାନ ଯୋଗ ଦେଇଥିଲେ। ମାଳପୁରର ବଡ଼ଭାଇ ଭାବେ ପରିଚିତ ଶ୍ରୀ ବୃନ୍ଦାବନଜୀଉଙ୍କ ପରେ ଅନ୍ୟ ଜୀଉମାନେ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ପହଞ୍ଚିଥିଲେ। କମିଟିର କର୍ମକର୍ତ୍ତା, ଠାକୁରବାଡ଼ିଆ, ସ୍ଥାନୀୟ ନେତୃବୃନ୍ଦ ଓ ପୋଲିସ ପ୍ରଶାସନ ସହଯୋଗରେ ମେଳଣ ଅନୁଷ୍ଠିତ ହୋଇଥିଲା। ସେହିପରି ବାମନବିନ୍ଧାରୁ ବାରବାଟିଆ ପାଢ଼ୀସାହି ଠାକୁର ଅନ୍ୟ ଠାକୁରମାନଙ୍କୁ ସାଙ୍ଗରେ ଧରି ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ମେଳଣ କମିଟି ସଭାପତି ପ୍ରଫୁଲ୍ଲ କୁମାର ପାଢ଼ୀ, ଅଜୟ ମହାନ୍ତି, ସଞ୍ଜୟ ମହାନ୍ତି, ସୁଧୀରଞ୍ଜନ ମହାନ୍ତି, ମନୋରଞ୍ଜନ ମହାନ୍ତି, ସାଇରମଣ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ଜ୍ଞାନ ରଞ୍ଜନ ମହାନ୍ତି, ବିଷ୍ଣୁ ଦାସ, ଦୁଃଖ ଦାସ, ପୀରହାଟ, ବାରବାଟିଆ ପାଢ଼ୀସାହିର କର୍ମକର୍ତ୍ତା ଓ ଅନ୍ୟ ଠାକୁର ବାଡ଼ିଆମାନେ ସହଯୋଗ କରିଥିଲେ।

# ୩୨୦ ବର୍ଷର ଗଦଲା ମେଳଣ


ଗଦଲା ମେଳଣ ମଣ୍ଡପରେ ବିରାଜିତ ବିମାନ।

ବାସୁଦେବପୁର,୬।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକ ରାଜଘରପୋଖରୀ ପଞ୍ଚାୟତର ବ୍ରିଟିଶ ଅମଳର ସାର୍ବଜନୀନ ଦୋଳ ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୩୨୦ ବର୍ଷର ଏହି ମେଳଣରେ ପାରମ୍ପରିକ ବାଦ୍ୟ ନୃତ୍ୟ, ଲଉଡ଼ି ଖେଳ ଓ ଆତାସବାଜି ସହ ସୁସଜ୍ଜିତ ବିମାନରେ ୪୨ ମୌଜାର ୩୯ ଶ୍ରୀଜୀଉ ମଣ୍ଡପରେ ବିଜେ କରିଥିଲେ। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୂଜା କମିଟି ସଭାପତି ସୁବ୍ରତ ଦାସ, ସମ୍ପାଦକ ସତ୍ୟ ନାରାୟଣ କୁଅଁର, ଶାନ୍ତି କମିଟି ସଦସ୍ୟ ମୁକ୍ତିକାନ୍ତ କୁଅଁର, ପ୍ରଭାତ କୁମାର କୁଅଁର, ମନୋରଞ୍ଜନ କୁଅଁର ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା


କର୍ମଶାଳାରେ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ।

ଚାନ୍ଦବାଲି,୬।୩(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ୍ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ତପନ ସାହୁଙ୍କ ସଂଯୋଜନାରେ ଗୁରୁବାରଠାରୁ ଏହି କର୍ମଶାଳା ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ତ୍ରିଲୋଚନ ମହାଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୧୫ ବିଦ୍ୟାଳୟରୁ ଜଣେ ଲେଖାଏ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଶାଳାରେ ଯୋଗ ଦେଇଥିଲେ। ବିଦ୍ୟାଳୟ ଶିକ୍ଷାକୁ ସରସ ସୁନ୍ଦର କରିବା ଓ ଶିକ୍ଷଣ ପ୍ରକ୍ରିୟାକୁ ବୋଧଗମ୍ୟ କରାଇବା ପାଇଁ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ। ମାଟି, କାଦୁଅ, କାଗଜ, କପଡ଼ା, ସୋଲ ଆଦି ଅବ୍ୟବହୃତ ତଥା ବର୍ଜ୍ୟବସ୍ତୁକୁ ବ୍ୟବହାର କରି ବିଭିନ୍ନ ଖେଳଣା, କଣ୍ଢେଇ, ମୁଖା, ଚିତ୍ର, ମଡେଲ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଧାରିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଦର୍ଶନ କରିଥିଲେ। ସମ୍ବଳ ଶିକ୍ଷକ ଭାବେ ସ୍ୱରାଜ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଭାଗ୍ୟଶ୍ରୀ ପୃଷ୍ଟି, ସୁରଥ ନାୟକ, ସନ୍ତୋଷ ରଞ୍ଜନ ସାହୁ, ଶିବପ୍ରିୟା ମହାଲିକ, ସନ୍ତୋଷ ମହାଲିକ, ବିଚିତ୍ର କୁମାର ପାତ୍ର, ମମତାମୟୀ ଶତପଥୀ, ଆରତି ଦାସ, ସୂର୍ଯ୍ୟକାନ୍ତ ସେଠୀ, ସନ୍ଧ୍ୟାରାଣୀ ମହାନ୍ତି, ସଗୁପ୍ତା ତନ୍ୱିର୍ ପ୍ରମୁଖ ପ୍ରଶିକ୍ଷଣ ନେଇଥିଲେ।

# ଖାଲିପଡ଼ିଛି ବିଇଓ ପଦବୀ

## ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ, ଶିକ୍ଷକଙ୍କୁ ମିଳୁନି ଦରମା

ଭଣ୍ଡାରିପୋଖରୀ,୬।୩
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ୍ ଶିକ୍ଷାଧିକାରୀ ପଦବୀ ଖାଲିପଡ଼ିଛି। ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଜ ଦାୟିତ୍ୱ ସହ ଅତିରିକ୍ତ ଭାବେ ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ମୁଖ୍ୟ ଓ ଅର୍ଥ ଉଠାଣ କ୍ଷମତା ଗତ ଜାନୁୟାରୀ ୩୧ଠାରୁ ପ୍ରଦାନ କରାଯାଇଛି। ହେଲେ ସେ ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଦିନେ ହେଲେ ଆସିନାହାନ୍ତି। କାର୍ଯ୍ୟାଳୟର କିରାଣୀମାନେ ଫାଇଲ ନେଇ ତାଙ୍କଠାରୁ ଦସ୍ତଖତ କରାଇ ଆଣୁଥିବା ଜଣାଯାଇଛି। ସେହିପରି ୨ଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ମଧ୍ୟରୁ ଜଣେ କାର୍ଯ୍ୟରତ ଅଛନ୍ତି। ବ୍ଲକରେ ୨ ସିଆର୍‌ସିସି ପଦବୀ ଖାଲିପଡ଼ିଛି। ଏକମାତ୍ର ଏବିଇଓ ଅତିରିକ୍ତ ଭାବେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ଦାୟିତ୍ୱ ତୁଲାଉଛନ୍ତି।

ଅନ୍ୟପକ୍ଷେ କାର୍ଯ୍ୟାଳୟର ଏକାଧିକ କିରାଣୀ ୧୦ବର୍ଷରୁ ଅଧିକ ସମୟ ଧରି ରହିଥିବାରୁ ମନମୁଖୀ କାର୍ଯ୍ୟ କରୁଛନ୍ତି। ଫଳରେ ଶିକ୍ଷକମାନେ ଦରମା ପାଇବାରେ ଅହେତୁକ ବିଳମ୍ବ ହେଉଥିବା ବ୍ଲକ ଶିକ୍ଷକ ସଂଘ ଆପତ୍ତି ଉଠାଇଛି। ଗତ ଜାନୁୟାରୀର ଦରମା ୧୩ ତାରିଖରେ ମିଳିଥିଲା। ଫେବୃୟାରୀର ଦରମା ଏଯାବତ୍ ମିଳିନାହିଁ। ଶିକ୍ଷକମାନଙ୍କ ୨ଟି ବର୍ଦ୍ଧିତ ମହଙ୍ଗା ଭତ୍ତା ବକେୟା ରହିଛି। ଏହାସହ ବକେୟା ରାଶି ପାଇବାକୁ ଥିବା ଶିକ୍ଷକଙ୍କ କଥା ଶୁଣିବାକୁ କେହି ନାହାନ୍ତି। ଜିଲାର ଅନ୍ୟ ବ୍ଲକରେ ଦରମା ପ୍ରଦାନ ସରିଥିବା ବେଳେ କେବଳ ଭଣ୍ଡାରିପୋଖରୀରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ବ୍ଲକ ଶିକ୍ଷା ବିଭାଗ ଅଧୀନରେ ୫୭ଟି ପ୍ରାଥମିକ ଓ ୫୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୮୭ଜଣ ପ୍ରାଥମିକ କ୍ୟାଡର, ଏକ୍ସ କ୍ୟାଡର, ଜିଲା ପରିଷଦ, ଗଣ ଶିକ୍ଷକ ଓ ଚୁକ୍ତିଭିତ୍ତିକ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ କିରାଣୀମାନେ ଶିକ୍ଷକଙ୍କ ମାସିକ ବେତନ ବିଲ୍ ପ୍ରସ୍ତୁତ କରିବାରେ ଅବହେଳା କରୁଥିବାରୁ ଶିକ୍ଷକ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ସେହିପରି ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥା, ମଧ୍ୟାହ୍ନଭୋଜନ ପରିଚାଳନା ସହ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ ଜଣେ ମାତ୍ର ମହିଳା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରା ସମ୍ଭବ ହେଉ ନ ଥିବାରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ଅବହେଳା ପାଇଁ ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏବିଇଓ ମଞ୍ଜୁଳା ନାୟକ କହିଛନ୍ତି, ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ବିଭାଗ ତତ୍ପର ଅଛି। ଆଗାମୀ ଦିନରେ ସବୁ ସମସ୍ୟାର ସମାଧାନ ହେବ।

# ଜୁନିୟର ରେଡ୍‌କ୍ରସ ତାଲିମ ଶିବିର

ଭଦ୍ରକ,୬।୩(ସନାତନ ରାଉତ)

ଓଡ଼ିଶା ରାଜ୍ୟ ଜୁନିୟର ରେଡ୍‌କ୍ରସ ସହାୟତାରେ ଭଦ୍ରକ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲା ସ୍କୁଲ ପରିସରରେ ଗୁରୁବାରଠାରୁ ୩ ଦିନିଆ ଜୁନିୟର ରେଡ୍‌କ୍ରସ ତାଲିମ ଶିବିର ଚାଲିଛି। ଜିଲା ସମ୍ପାଦକ ରାଜେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଜିଲାର ୬୦ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଜିଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଜୁନିୟର ରେଡ୍‌କ୍ରସ ସାଧନକର୍ମୀ ବାମନ ଚନ୍ଦ୍ର ମହାନ୍ତି, ଉମାକାନ୍ତ ବେହେରା ଓ ପୂର୍ବତନ ସମ୍ପାଦକ ସୋମନାଥ ନାୟକ ଯୋଗଦେଇ ଜୁନିୟର ରେଡ୍‌କ୍ରସର ଇତିହାସ, ପ୍ରତିଷ୍ଠାତାଙ୍କ ଜୀବନୀ, ରେଡ୍‌କ୍ରସ ଚିହ୍ନ, ଜୁନିୟର ରେଡ୍‌କ୍ରସର ଲକ୍ଷ୍ୟ, ବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ, ସଡ଼କ ସୁରକ୍ଷା, ସାଇବର କ୍ରାଇମ୍, ଅଗ୍ନି ନିର୍ବାପନ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଦି ପ୍ରସଙ୍ଗ ଉପରେ ତାଲିମ ଦେଇଥିଲେ। ରୁବିନା ଖାତୁନ ଓ ସୁଶାନ୍ତ କୁମାର ବିଶ୍ୱାଳ ପ୍ରାଥମିକ ଉପଚାର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ତଥା ବନ୍ଧଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଜିଲା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ତଥା ସଙ୍ଗଠନ ସମ୍ପାଦିକା ପାନମଣି ବେସ୍ରା, ଯୁଗ୍ମ ସମ୍ପାଦକ ଭୀମ ଚରଣ ପରିଡ଼ା, ଚଣ୍ଡିଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ମାଝୀ, ମହେଶ୍ୱର ରାଉତ, ଅକ୍ଷୟ ସେଠୀ, ଶିବ ନାରାୟଣ ପତି, ଜୟଶ୍ରୀ ମିଶ୍ର, ଅରୁଣ ବାରିକ ପ୍ରମୁଖ ସହଯୋଗ କରୁଛନ୍ତି।

# ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଶିଶୁ ସୁରକ୍ଷା ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଭଦ୍ରକ,୬।୩(ସନାତନ ରାଉତ/
ରବିନାରାୟଣ ଖିଲାର)

ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ଗୁରୁବାର ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ପ୍ରଶାସନ ପକ୍ଷରୁ 'ଶିଶୁ ସୁରକ୍ଷାରେ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖବର ପରିବେଷଣ ବେଳେ ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା, ଧାରା(୨୩) ଅନୁସାରେ ଶିଶୁର ପରିଚୟ ଗୋପନୀୟତା ରଖିବା ସହ ଫଟୋ ପ୍ରକାଶ ନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେଥିପାଇଁ ଗଣମାଧ୍ୟମ ସର୍ବଦା ସକରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ ବୋଲି ଜିଲାପାଳ କହିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ନିମିତ୍ତ ବିଧିବଦ୍ଧ ଆଇନ ବ୍ୟବସ୍ଥା ପ୍ରଚଳନ ଓ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ମଞ୍ଚ ସଂଯୋଜନା କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ୟୁନିଟ ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଷୟ ବିଶାରଦ ଭାବେ ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ବାରିକ ବିଭିନ୍ନ ତଥ୍ୟ ଓ ଆଇନ ବିଷୟରେ ବୁଝାଇଥିଲେ। ଖବରଦାତା ପ୍ରତାପ ଦାସ, ଅଶୋକ ନାୟକ, ଜ୍ଞାନ ପ୍ରକାଶ ପାଣି, ପ୍ରଭାତ ଦାସ, ଅଶ୍ୱିନୀ ପାଢ଼ୀ, ନରେନ୍ଦ୍ର ସାମଲ ପ୍ରମୁଖ ମତ ରଖିଥିଲେ।

# ସାହିତ୍ୟ ଆସର, କବିତା ପାଠୋତ୍ସବ

ଧାମନଗର,୬।୩(ଦେବେନ୍ଦ୍ର ଆଢ଼ିଆ)

ଧାମନଗର ବ୍ଲକ ଅଧୀନ ଦୋବଲ ବୈଦିକ ଯଜ୍ଞ ମଣ୍ଡପ ପରିସରରେ ନୃସିଂହ ସାହିତ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଛତିଶଗଡ଼ ରାୟଗଡ଼ ଜିଲାର ପଙ୍କଜୀ ମହାରାଜା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ସାହିତ୍ୟିକ ହୃଦାନନ୍ଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦୋବଲ ବୈଦିକ ସଂଘ ସମ୍ପାଦକ ପ୍ରମୋଦ ନାୟକ, ସଭାପତି କୃତ୍ତିବାସ ତ୍ରିପାଠୀ, ବରିଷ୍ଠ ସଭ୍ୟ ଘନଶ୍ୟାମ ଥାଙ୍ଗୋଇ, କାନ୍ତ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ରସାନନ୍ଦ ମହାପାତ୍ର, ଶିକ୍ଷାବିତ୍ ନିରାକାର ଧଳ, ସିଦ୍ଧେଶ୍ୱର ସାମଲ, ବୁଦ୍ଧିରାମ ସ୍ୱାଇଁ, ଆଇନଜୀବୀ ରଣଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ମନୋଜ ଜେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବୟିତ୍ରୀ ପୁଷ୍ପିତା ମିଶ୍ରଙ୍କ ସଂଯୋଜନାରେ କବି ରାଧାଶ୍ୟାମ ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ଭୋଳାନାଥ ସାହୁ, ମନୋଜ କୁମାର ଜେନା, ରଣଜିତ ରଥ ପ୍ରମୁଖ କବିତା ପାଠ କରିଥିଲେ। ଖବରଦାତା କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ବିଇଓ ଅଫିସ ଆଗରେ ଧାରଣାରେ ୬ ଶିକ୍ଷୟିତ୍ରୀ ଶିକ୍ଷକ

## ବିଦ୍ୟାଳୟରେ ଆରମ୍ଭ ହେଲା ପରୀକ୍ଷା

ବାସୁଦେବପୁର,୬।୩
(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ବ୍ଲକ କିଷ୍ଣତକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମୌଖିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୧୩୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଚାଲିଥିବା ବେଳେ ଏହି ବିଦ୍ୟାଳୟର ୬ଜଣ ଶିକ୍ଷୟତ୍ରୀଶିକ୍ଷକ ବିଦ୍ୟାଳୟକୁ ନ ଆସି ବିଇଓ ଅଫିସ ଆଗରେ ଧାରଣାରେ ବସିଥିଲେ। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ଧାରଣା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି।

ପ୍ରକାଶ ଯେ, ସ୍କୁଲର ଜଣେ ଛାତ୍ରୀଙ୍କୁ ଜଣେ ଶିକ୍ଷକଙ୍କ ଅସଦାଚରଣ ଘଟଣାରେ ଉତ୍ତ୍ୟକ୍ତ ହୋଇ କେତେଜଣ ଗ୍ରାମବାସୀ ଗତ ସୋମବାର ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାଡ଼ ମାରିଥିଲେ। ଏଥିରେ ପ୍ରଧାନଶିକ୍ଷକ ଅବିନାଶ ପ୍ରଧାନଙ୍କ ସହ ଅନ୍ୟମାନେ ଆହତ ହୋଇଥିଲେ। ଆକ୍ରମଣକାରୀଙ୍କୁ ଗିରଫ ସହ ନିଜର ସୁରକ୍ଷା ଦାବିରେ ସେମାନେ ଦୁଇଦିନ ଧରି ଧାରଣାରେ ବସିଛନ୍ତି। ତେବେ ବିଦ୍ୟାଳୟରେ ମାତ୍ର ୨ଜଣ ଶିକ୍ଷକ ସିଆର୍‌ସିସିଙ୍କ ସହାୟତାରେ ପରୀକ୍ଷା ପରିଚାଳନା କରିଥିଲେ। ଶନିବାର ଅନ୍ୟ ଛାତ୍ରୀଛାତ୍ରଙ୍କ ମୌଖିକ ପରୀକ୍ଷା ଚାଲୁ ରହିବ ବୋଲି ସିଆର୍‌ସିସି ଶିବ ପ୍ରସାଦ ବାରିକ ସୂଚନା ଦେଇଛନ୍ତି। ପରୀକ୍ଷାରେ ସହଯୋଗ ନ କରି ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରେ ବସିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଥିବା ବେଳେ ବିଇଓ ଏଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଅପରପକ୍ଷେ ଶିକ୍ଷକ ସଂଘ ପକ୍ଷରୁ ସୁରକ୍ଷା ଦାବି କରି ଏକ ଦାବିପତ୍ର ଗୁରୁବାର ଅପରାହ୍ନରେ ବିଇଓଙ୍କୁ ପ୍ରଦାନ କରାଯାଇଛି। ଧାରଣାରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରୀକ୍ଷା ପରିଚାଳନା ପାଇଁ ବିଦ୍ୟାଳୟକୁ ପଠାଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ହରିପଦା ମେଳଣ


ମେଳଣ ପଡ଼ିଆରେ ସୁସଜ୍ଜିତ ବିମାନ।

ବାସୁଦେବପୁର,୬।୩
(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ପୌରପାଳିକା ଅଧୀନ ବାଷଠୀ ଗ୍ରାମର ହରିପଡ଼ିଆରେ ହରିପଦା ମେଳଣ ଗୁରୁବାର ରାତିରୁ ଆରମ୍ଭ ହୋଇଛି। ୩ ଦିନ ଧରି ଏହି ମେଳଣ ଚାଲିବ। ସୁସଜ୍ଜିତ ୧୧ ବିମାନ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପହଞ୍ଚି ମଣ୍ଡପରେ ବିଜେ କରିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଭୈରବପୁର, ବଂଶୀପାଟଣା, ବାଷଠୀ, ରାଧାବଲ୍ଲଭପୁର ଆଦି ଗ୍ରାମର ଦିଅଁମାନଙ୍କୁ ବାଣ ରୋଷଣୀ ସହ ମଣ୍ଡପକୁ ଅଣାଯାଇଥିଲା।

# ପୂର୍ବତନ ଶିକ୍ଷକଙ୍କ ସ୍ମୃତିସଭା

ଧାମନଗର,୬।୩(ଦେବେନ୍ଦ୍ର ଆଢ଼ିଆ)

ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସରପଞ୍ଚ ଅଶୋକ କୁମାର ପଣ୍ଡାଙ୍କ ବାପା ଧରଣୀଧର ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ବୁଧବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସୋଧ ଧରମ ପଡ଼ିଆରେରେ ଶିକ୍ଷାବିତ୍ ଭୋଳାନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଧରଣୀ ସାର୍ ଜଣେ ଭଲ ଶିକ୍ଷକ ଥିଲେ। ସେ କେବେବି ନୀତି ନିୟମରୁ ବାହାରକୁ ଯାଇନାହାନ୍ତି। ସେ ସର୍ବଦା ସଂସ୍କାରକୁ ଜଗୁଥିଲେ। ଏମ୍‌ପି ଅଭିମନ୍ୟୁ ସେଠୀ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିନୋଦ ନାୟକ, ଅଧ୍ୟାପକ ବିଜୟ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ନଗର ପ୍ରତିନିଧି କୈଳାଶ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରମୋଦ ସୂତାର, ଆଇନଜୀବୀ ଦେବାଶିଷ ସାମଲ, ରଣଜିତ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉମେଶ ମହାନ୍ତି, ଏମ୍‌ପି ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଖବରଦାତା ବାସୁଦେବ ତ୍ରିପାଠୀ, ଚତୁର୍ଭୁଜ ନାୟକ, ସୁଶାନ୍ତ କୁମାର ରାଉତ, ରସାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି ସଭା ସଞ୍ଚାଳନ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ପୁଅ ତଥା ଦୋବଲ ସରପଞ୍ଚ ଅଶୋକ କୁମାର ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ।

# ଚିଙ୍ଗୁଡ଼ିଘେରି ଜଳ ଯୋଗୁ ଧାନଚାଷ ନଷ୍ଟ

## କ୍ଷତିପୂରଣ ନ ମିଳିଲେ ଆତ୍ମହତ୍ୟା ଚେତାବନୀ ଦେଲେ ଚାଷୀ

ଧୁଷୁରୀ,୬।୩(ଦୀପ୍ତିରଞ୍ଜନ ନାୟକ)

ଚିଙ୍ଗୁଡ଼ିଘେରି ଯୋଗୁ ତାଙ୍କ ଧାନ ଚାଷ ନଷ୍ଟ ହୋଇଗଲା। ଚାଷଜମି ନିକଟରୁ ଚିଙ୍ଗୁଡ଼ିଘେରି ଉଠାଇବା ସହ ଚାଷ କ୍ଷତିପୂରଣ ପାଇଁ ତହସିଲଦାର ଓ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତସ୍ଥିତ ପହଣାର ଚାଷୀ ଦୁଃଶାସନ ବିଶ୍ୱାଳ।

ସେ ଦର୍ଶାଇଛନ୍ତି ଯେ, ସେ ୧୭ ଏକରରୁ ଉର୍ଦ୍ଧ୍ୱ ଜମିରେ ଟାଇଚୁଙ୍ଗ ଧାନ ଚାଷ କରିଥିଲେ। ତାଙ୍କ ଜମି ନିକଟରେ ଏକ ପାଣିନାଳ ରହିଛି। ସେହି ନାଳ ବୈତରଣୀ ନଦୀ ସହ ସଂଯୋଗ ହୋଇଛି। ଅମାବାସ୍ୟା ଓ ପୂର୍ଣ୍ଣିମାରେ ଜୁଆର ପାଣି ଆସି ନାଳ ଭରପୁର ହୋଇଥାଏ। ସେ ୧୮ ଦିନ ତଳେ ନିଜ ଜମିରେ ସାର ପକାଇବା ସହ ସେହି ନାଳ ପାଣି ମଡ଼ାଇଥିଲେ। ହେଲେ ତାହାର ୪ ଦିନ ପରେ ତାଙ୍କ ଧାନଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ଚାଷ ନଷ୍ଟ ହେବା ନେଇ ସେ ତାଙ୍କ ଜମିରୁ ଜଳ ଓ ମାଟି ପରୀକ୍ଷଣ କରାଇଥିଲେ। ପରୀକ୍ଷଣ ପରେ ଚିଙ୍ଗୁଡ଼ିଘେରିର ନିଷ୍କାସିତ ଜଳ ଯୋଗୁ ଚାଷ ନଷ୍ଟ ହୋଇଥିବା ଜଣାପଡ଼ିଛି। ସେ ଶୁକ୍ରବାର ଡାକ ଯୋଗେ ଭଦ୍ରକ ଜିଲାପାଳ ଓ ଚାନ୍ଦବାଲି ତହସିଲଦାରଙ୍କୁ ନିଜର ଦୁଃଖ ଜଣାଇବା ସହ କ୍ଷୟକ୍ଷତି ବାବଦରେ ସହାୟତା ଯୋଗାଇବାକୁ ନିବେଦନ କରିଛନ୍ତି। ଏଥିସହ ଚାଷଜମି ନିକଟରୁ ଚିଙ୍ଗୁଡ଼ିଘେରି ଉଠାଇବାକୁ ସେ ଗୁହାରି କରିଛନ୍ତି। ଚିଙ୍ଗୁଡ଼ିଘେରି ନ ଉଠିଲେ ଓ କ୍ଷତିପୂରଣ ନ ମିଳିଲେ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କୁଆଖିଆ-ଆରଡ଼ି ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପହଣା ନିକଟରେ ଧାମରା ଅଞ୍ଚଳର ଜଣେ ରାଜନେତା ପ୍ରାୟ ୮ ବର୍ଷ ହେଲା ଏହି ଚିଙ୍ଗୁଡ଼ିଘେରି କରି ଚିଙ୍ଗୁଡ଼ି ଚାଷ କରିଆସୁଛନ୍ତି। ଫଳରେ ଚିଙ୍ଗୁଡ଼ି ଘେରି ନିକଟରେ ଥିବା ଚାଷୀଙ୍କର ଚାଷଜମି ଏବେ ପଡ଼ିଆ ପଡ଼ିଛି। ଏହାଦ୍ୱାରା କେବଳ ଜଳ ପ୍ରଦୂଷଣ ନୁହେଁ, ବାୟୁ ପ୍ରଦୂଷଣ ମଧ୍ୟ ଏହି ଅଞ୍ଚଳ ପାଇଁ କାଳ ସାବ୍ୟସ୍ତ ହୋଇଛି। ଚିଙ୍ଗୁଡ଼ିଘେରି ଉଠାଯିବା ପାଇଁ ସବୁ ମହଲରୁ ଦାବି କରାଯାଇଛି।


ଚିଙ୍ଗୁଡ଼ିଘେରି ଜଳ ଦ୍ୱାରା ନଷ୍ଟ ହୋଇଥିବା ଚାଷଜମି।

# ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ନେଇ ଅସନ୍ତୋଷ

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ: ଭଞ୍ଜସେନା

ବାରିପଦା, ୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଭଞ୍ଜସେନା ପକ୍ଷରୁ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ଅଧୀନରେ ଥିବା ପୋଖରୀଗୁଡ଼ିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଠିକାଦାରମାନଙ୍କ ମନମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୧୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଭଞ୍ଜସେନା ମ୍ୟୁନସିପାଲିଟି କାର୍ଯ୍ୟାଳୟ ଘେରାଉ କରିବ ବୋଲି କଡ଼ା ଚେତାବନୀ ଦେଇଛି। ଏନେଇ ଭଞ୍ଜସେନାର ଏକ ପ୍ରତିନିଧି ଦଳ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ, ପରିବେଶ ନିର୍ଦ୍ଦେଶକ, ମୟୂରଭଞ୍ଜ ଜିଲାପାଳ ଓ ପୌର ପରିଷଦ ଅଧ୍ୟକ୍ଷଙ୍କୁ ମଧ୍ୟ ଅବଗତ କରିଛନ୍ତି।

ବିଶ୍ୱର ଉତ୍ତପ୍ତ ସହର ଭାବେ ପରିଚିତ ବାରିପଦାରେ ଏବେ ଠାରୁ ତାତି ବଢ଼ିବାରେ ଲାଗିଲାଣି। ଉତ୍ତାପକୁ ପ୍ରଶମିତ କରିବା ନିମନ୍ତେ ବାରିପଦା ପୌର ପରିଷଦ ପକ୍ଷରୁ ୪ବର୍ଷ ପୂର୍ବେ ସହରରେ ଥିବା ପୋଖରୀଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଏହି କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଥିବା ବେଳେ ୭ଟି ପୋଖରୀର ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଯାହା ଫଳରେ ପୋଖରୀଗୁଡ଼ିକ ଶୁଖିଲା ପଡ଼ିଥିବା ବେଳେ ଅନାବନା ଲତା ଦଳରେ ଢାଙ୍କି ରହିଛି। ୨ବର୍ଷ ମଧ୍ୟରେ ପୋଖରୀ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଏଗ୍ରିମେଣ୍ଟ ହୋଇଥିଲେ ସୁଦ୍ଧା ଅଦ୍ୟାବଧି କାର୍ଯ୍ୟର ଅଗ୍ରଗତି ହୋଇପାରୁ ନାହିଁ। ଜୁବୁଲିବନ୍ଧ, ବଡ଼ପୋଖାରୀ ଓ ଚାପଲ ପୋଖରୀ କାର୍ଯ୍ୟ ପାଖାପାଖି ସମ୍ପୂର୍ଣ୍ଣ ହୋଇଥିବା ବେଳେ ଝିରିବନ୍ଧ, ଷ୍ଟେଶନ ବନ୍ଧ, ହେମସାଗର ପୋଖରୀ ଏବଂ ୱାର୍ଡ ନଂ. ୧୫ରେ ଥିବା ପୋଖରୀଗୁଡ଼ିକର କାର୍ଯ୍ୟ ଅଧାରୁ ଅଧା କାର୍ଯ୍ୟ ହୋଇପାରି ନାହିଁ। ତରବରିଆ ଭାବେ ଅଳ୍ପ କାର୍ଯ୍ୟ କରି ୮୦ପ୍ରତିଶତ ଅର୍ଥ ବିଭାଗ ପକ୍ଷରୁ ପୈଠ କରାଯାଇଛି। ଯାହାକୁ ନେଇ ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଯଥାଶୀଘ୍ର ବାକି ରହିଥିବା ୪ଟି ପୋଖରୀ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା, କାର୍ଯ୍ୟ ହୋଇଥିବା ପୋଖରୀଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ କରିବା, ଓପିଡବ୍ଲ୍ୟୁଡି ନିୟମ ଅନୁଯାୟୀ ଧାର୍ଯ୍ୟ କାର୍ଯ୍ୟ ସମୟସମୀା ମଧ୍ୟରେ ଶେଷ କରା ନ ଗଲେ ଠିକାଦାରଙ୍କୁ ଜରିମାନା କରିବା ସହିତ ନିମ୍ନମାନର କାର୍ଯ୍ୟ ପାଇଁ ଜିଲା ବାହାର ଠିକାଦାରଙ୍କୁ ସମ୍ପୂର୍ଣ୍ଣ ବିରୋଧ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଭଞ୍ଜସେନାର ଜିଲା ଆବାହକ ରାକେଶ ବେହେରା, ଜିଲା ଉପସଭାପତି ସାଫଲ୍ୟ ମିଶ୍ର, ଜିଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି, ସଞ୍ଜୟ ମାହାନା, ଉମେଶ ପ୍ରଧାନ, ସତ୍ୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା ଅର୍ଥ ଅପେକ୍ଷାରେ ୨୩୩୩ ମହିଳା

ଝାରପୋଖରିଆ, ୬।୩ (ସୁଧୀର କୁମାର ମହାନ୍ତ)

## ସାରସକଣା ବ୍ଲକ୍

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଞ୍ଚଳରେ ଥିବା ୫୦,୪୬୮ ମହିଳାଙ୍କ ମଧ୍ୟରୁ ନଭେମ୍ବର ୨୦୨୫ଠାରୁ ୨୦୨୬ ମାର୍ଚ୍ଚ ୫ ତାରିଖ ସୁଦ୍ଧା ତିନୋଟି ପର୍ଯ୍ୟାୟରେ ମୋଟ ୨୬,୯୦୪ଜଣ ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଛନ୍ତି। ଅଦ୍ୟାବଧି ୨୪,୫୭୧ ମହିଳା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ କିସ୍ତି ରାଶି ପାଇଥିବାବେଳେ ଅବଶିଷ୍ଟ ୨୩୩୩ ଜଣ ଅପେକ୍ଷାରେ ଅଛନ୍ତି। ଅପେକ୍ଷାରତଙ୍କ ମଧ୍ୟରୁ ୫୮୮ ଜଣ ରାଶନକାର୍ଡଧାରୀ ମହିଳା ଓ ୩୮୮ ଜଣ ରାଶନକାର୍ଡ ନ ଥିବା ମହିଳାଙ୍କୁ ମିଶାଇ ୯୭୬ ଜଣ ମହିଳାଙ୍କୁ କୌଣସି କାରଣବଶତଃ ସରକାରଙ୍କ ପକ୍ଷରୁ ବାଦ୍ ଦିଆଯାଇଛି। ବାଦ୍ ପଡ଼ିଥିବା ମହିଳାଙ୍କ ମଧ୍ୟରୁ ମୋଟ ୪୩୧ ଜଣ ଅଭିଯୋଗକାରୀଙ୍କ ମଧ୍ୟରେ ଥିବା କଥା ସାରସକଣା ବ୍ଲକ୍ ସମନ୍ୱିତ ଶିଶୁ ଓ ମହିଳା ଉନ୍ନୟନ ବିଭାଗର ଅଧିକାରିଣୀ ମୌନାବତୀ ପାତ୍ର ସୂଚନା ଦେଇଛନ୍ତି। ଯୋଜନା ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟରେ ରାଶନକାର୍ଡ ଥିବା ଓ ରାଶନକାର୍ଡ ନଥିବା ୨୬୯୦୪ ଆବେଦନକାରୀ ଥିବାବେଳେ ସେଥିମଧ୍ୟରୁ ୨୪୮୯୬ଜଣ ଯୋଜନାରେ ସାମିଲ ହୋଇଥିଲେ ଓ ୯୭୬ ଜଣ ବାଦ ପଡ଼ିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୬୯୦୪ ହିତାଧିକାରୀ ଆବେଦନ କରିଥିବାବେଳେ ୨୪୬୯୬ ଜଣଙ୍କ ଆବେଦନ ପତ୍ର ଅନୁମୋଦିତ ହୋଇଥିଲେ ଓ ୯୭୬ ଜଣ ବାଦ ପଡ଼ିଥିଲେ। ସେହିପରି ତୃତୀୟ ପର୍ଯ୍ୟାୟ ତାଲିକାରେ ୨୬୯୦୪ ଜଣ ଆବେଦନ କରିଥିବାବେଳେ ୨୪୫୭୧ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ୯୭୬ ଜଣଙ୍କ ଆବେଦନକୁ ସରକାରୀସ୍ତରରେ ବାଦ୍ ଦିଆଯାଇଥିବା ଜଣାପଡ଼ିଛି।

# ଆର୍‌ଡିଏସ୍ ଡିଗ୍ରୀ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଉଦଳା, ୬।୩ (ସନ୍ତୋଷ କୁମାର ବାଛିନୀ)

## ଇତିହାସ ବିଭାଗ

ଉଦଳା ବ୍ଲକ କୁଣ୍ଡାବାଇ ସ୍ଥିତ ଆର୍‌ଡିଏସ. ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ନାତକ ଓ ସ୍ନାତକୋତ୍ତର ଇତିହାସ ବିଭାଗ ତରଫରୁ 'ରିମେମ୍ବାରିଂ ଅଫ କୋଲୋନିଆଲ ରୁଲ ଇନ ମୟୂରଭଞ୍ଜ ଫ୍ରମ ୧୯୧୭-୧୯୪୯: ଇସ୍ପ ଚେଲେଞ୍ଜେସ ଆଣ୍ଡ ରେସପୋନ୍ସ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର କଲେଜର ଅଧ୍ୟକ୍ଷ ତଥା ଇତିହାସ ବିଭାଗର ମୁଖ୍ୟ ଡ. ପ୍ରଦୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନ୍ୟାସନାଲ ଡିଫେନ୍ସ ଏକାଡେମୀ ପୁନେ, ମହାରାଷ୍ଟ୍ରର ପୂର୍ବତନ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଡ. ହରିହର ପଣ୍ଡା, ମୁଖ୍ୟବକ୍ତା ଭାବେ ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦାର ପୂର୍ବତନ ଅଧ୍ୟକ୍ଷ ଡ. ଚିନ୍ତାମଣି ଟୁଡୁ, ସମ୍ମାନିତ ଅତିଥି ଭାବେ ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟ, ମଙ୍ଗଳପୁର, ବାଲେଶ୍ୱରର ଅଧ୍ୟକ୍ଷ ତଥା ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ସୁରେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ ମୟୂରଭଞ୍ଜର ଭଞ୍ଜ ରାଜାମାନଙ୍କର ଶାସନ ଏବଂ ସେମାନଙ୍କର ମୟୂରଭଞ୍ଜ ଇତିହାସର ଅବଦାନ ସମ୍ପର୍କିତ ବିବରଣୀକୁ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ଡ. ଅନୁରାଧା ପାତ୍ର ସ୍ୱାଗତ ଭାଷଣ ଓ ବିଭାଗୀୟ ଅଧ୍ୟାପକ ବିକାଶ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଭାଗୀୟ ଅଧ୍ୟାପିକା ସନ୍ଧ୍ୟାରାଣୀ ନାୟକଙ୍କ ପରିଚାଳନାରେ ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜଗଦାନନ୍ଦ ଖଟୁଆ, ରଞ୍ଜିତାରାଣୀ ଦାସ, ଶ୍ରଦ୍ଧାଞ୍ଜଳି ନାଏକ, ଅର୍ଚ୍ଚନା ଜେନା, ସ୍ମୃତିପ୍ରିୟା ପୁହାଣ, ତିଳୋତ୍ତମା ମାଝି, ରାଜାରାମ ମାର୍ଣ୍ଡି, ନନିତା ବିନ୍ଧାଣୀ, ଲକ୍ଷ୍ମୀପିୟା ସୋରେନ, ପାର୍ବତୀ ହେମ୍ବ୍ରମ, ରଶ୍ମିରାଣୀ ମାଝୀ, ହୀରା ଟୁଡୁ ଏବଂ ସୁବ୍ରତ ମହାକୁଡ଼ ପ୍ରମୁଖ ନିଜ ନିଜର ସନ୍ଦର୍ଭ ପାଠ କରି ଅତିଥିମାନଙ୍କଠାରୁ ପ୍ରମାଣ ପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଭାଗର ସମସ୍ତ ଛାତ୍ର ଛାତ୍ରୀ, କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବିଭିନ୍ନ ସମସ୍ୟା ନେଇ ଜେଏମ୍‌ଏମ୍‌ର ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ଜେଏମ୍‌ଏମ୍ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ।

ମୋରଡ଼ା, ୬।୩ (ସ୍ମାରକ ମାଜୀ)

ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍)ର ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଘୋଳମୁହାଁ ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ଏକ ୧୩ଦଫା ସମ୍ବଳିତ ଦାବିପତ୍ର ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବ୍ଲକର ସମସ୍ତ ଜନସାଧାରଣଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା, ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ୍ ଛାଡ, ଆବାସ ଯୋଜନାର ରାଶି ବୃଦ୍ଧି କରି ୫ ଲକ୍ଷ ଟଙ୍କା ପ୍ରଦାନ, ହରିଶ୍ଚନ୍ଦ୍ର ଯୋଜନାର ହିତାଧିକାରୀମାନଙ୍କୁ ଠିକ୍ ସମୟରେ ଉଚିତ ରାଶି ପ୍ରଦାନ କରିବା, ଭତ୍ତା ରାଶିକୁ ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରିବା, ଧାନ କ୍ରୟରେ ଅତ୍ୟଧିକ କଟନୀ ଛଟନୀ ବନ୍ଦ, ହାତୀ ଉପଦ୍ରବର ସ୍ଥାୟୀ ସମାଧାନ, ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ପଦବୀ ପୂରଣ ସହିତ ଖାଲିଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପଦବୀ ପୂରଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଏକ୍ସରେ ଓ ଅଲଟ୍ରା ସାଉଣ୍ଡ ମେଶିନ ଲଗାଇବା ସହିତ ମାଗଣା ଔଷଧ ପ୍ରଦାନ, ଶିକ୍ଷିତ ବେକାର ଯୁବତୀ, ଯୁବକମାନଙ୍କୁ ସରକାରୀ ଚାକିରି ଯୋଗାଇବା, ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ସହିତ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି, ଜଙ୍ଗଲ ଜମିରେ ବାସ କରୁଥିବା ସ୍ଥାୟୀ ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଏବଂ ସରକାରୀ ଜମିରେ ଗଢ଼ି ଉଠିଥିବା ଶିକ୍ଷାନୁଷ୍ଠାନଗୁଡିକୁ ପଟ୍ଟା ପ୍ରଦାନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ଦାବିଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ଜେଏମ୍‌ଏମ୍ ଜିଲା ସଭାପତି ଦାସ ଦୃଢ ଦାବି କରିଛନ୍ତି। ଦାସଙ୍କ ସହିତ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ଯୁବ ସଭାପତି ପ୍ରେମ କୁମାର ମୁର୍ମୁ, ପବିତ୍ର ଦାସ, ଅମୀର ଖାନ, ବାରିପଦା ସହର ସଭାପତି ତୋରନ ସେନାପତି, କାଳିଶଙ୍କର ଦାସ, ଉଦୟ ମୁର୍ମୁ, ଫାଗୁ ମୁର୍ମୁ, ଭାଗରାୟ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ହେଲା 'ପବିତ୍ର କୁଞ୍ଜ' ପୋଷ୍ଟର

ବାରିପଦା, ୬।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର କେନ୍ଦ୍ରୀୟ ଜୋନାଲ କୁଳପତି ସମ୍ମିଳନୀ

୨୦୨୬ ଫେବୃୟାରୀ ୧୯ ଓ ୨୦ରେ ଅନୁଷ୍ଠିତ ହୋଇଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର କେନ୍ଦ୍ରୀୟ ଜୋନାଲ କୁଳପତି ସମ୍ମିଳନୀରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଦର୍ଶିତ ଏକ ପୋଷ୍ଟର 'ପବିତ୍ର କୁଞ୍ଜ' ପ୍ରଥମ ସ୍ଥାନ ଅଧିକାର କରିଛି। ଏହାର ମାନପତ୍ର ବିଶ୍ୱବିଦ୍ୟାଳୟକୁ ହସ୍ତଗତ ହୋଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅବସ୍ଥିତ ପବିତ୍ର କୁଞ୍ଜ (ସାକ୍ରେଡ ଗ୍ରୋଭ)କୁ ସର୍ବୋତ୍ତମ ପ୍ରଥା (ବେଷ୍ଟ ପ୍ରାକ୍ଟିସ) ଭାବେ ଦର୍ଶାଇ ତିଆରି ହୋଇଥିବା ପୋଷ୍ଟରକୁ ଏହି ସମ୍ମାନ ମିଳିଥିବାରୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଏଆଇୟୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ଏବଂ ପୋଷ୍ଟରର ଡିଜାଇନର କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୋୟୀ ଓ ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରାଙ୍କୁ ସାଧୁବାଦ ଜଣାଇଛନ୍ତି। ମୟୂରଭଞ୍ଜର ଜନଜାତିଙ୍କର ଧାର୍ମିକ ପ୍ରଥା ଏବଂ ସାଂସ୍କୃତିକ ପରମ୍ପରାର ଭିତ୍ତିକୁ ସଂରକ୍ଷଣ କରିବାର ଏକ ମହତ କାର୍ଯ୍ୟ ସାଧନ ରୂପେ ପବିତ୍ର କୁଞ୍ଜର ପରିକଳ୍ପନା କରାଯାଇଛି। ଏହା ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ, ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏବଂ ଆଞ୍ଚଳିକ ଜୈବ ବିବିଧତା ସଂରକ୍ଷଣରେ ଆଧ୍ୟାତ୍ମିକ ଭାବରେ ଗୁରୁତ୍ୱପୂର୍ଣ୍ଣ। ସର୍ବୋପରି, ପ୍ରାକୃତିକ ସମ୍ପଦର ସମ୍ପ୍ରଦାୟ ଭିତ୍ତିକ ପରିଚାଳନାର ଏକ ସର୍ବୋତ୍ତମ ଉଦାହରଣ। ଏହି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିର ଖବର ମିଳିବା ପରେ ବିଶ୍ୱବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି।




'ପବିତ୍ର କୁଞ୍ଜ' ପୋଷ୍ଟର।

# ଶିକ୍ଷକ ଗିରଫ

ମୋରଡ଼ା/ରାସଗୋବିନ୍ଦପୁର, ୬।୩
(ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ଝରିଅଡ଼ା ପଞ୍ଚାୟତର ଏକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୯୧/୨୬)ରୁଜୁ ହୋଇଛି। ପ୍ରଥମେ ସିଡବ୍ଲ୍ୟୁସି ଏବଂ ପରେ କୋର୍ଟରେ ଛାତ୍ରୀମାନଙ୍କ ବୟାନ ନିଆଯାଇଥିବା ସୂଚନା ମିଳିଛି।

# ନୂତନ ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବେତନଟୀ, ୬।୩ (ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ୍ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ଡାକ ବଙ୍ଗଳା ପରିସରରେ ବିଜୁ ବାବୁଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରାଜୀବ ସେନାପତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଭାବରେ ଦାୟିତ୍ୱ ପାଇଥିବା ଜିଲା ସମ୍ପାଦକ ଜ୍ୟୋତିକାନ୍ତ ସାମଲ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ, ଧାନି କିସ୍କୁ ବିଜୁ ବାବୁଙ୍କ ଉପରେ ନିଜର ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ବଳ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଜୁ ପ୍ରେମୀ ସତିଶ ପାତ୍ର, ଜିଲା ସମ୍ପାଦକ ଭବାନୀ ମିଶ୍ର, ଅନାମ ଦତ୍ତ, ବିନଦ ସିଂ, ଜିଲା ସାଧାରଣ ସମ୍ପାଦକ ଲଲାଟେନ୍ଦୁ ବେହେରା, ଯୁବ ନେତା ଯାମିନୀ ନାଏକ ନିଜର ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରେ ବେତନଟୀ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ନୂତନ ଜିଲା କର୍ମକର୍ତ୍ତା ତଥା ଜିଲା ସମ୍ପାଦକ ଜ୍ୟୋତିକାନ୍ତ ସାମଲ, ଭବାନୀ ମିଶ୍ର, ଅନାମ ଦତ୍ତ, ସୁନ୍ଦର ମହାନ୍ତ, ବିନଦ ସିଂ, ଜିଲା ସାଧାରଣ ସମ୍ପାଦକ ଲଲାଟେନ୍ଦୁ ବେହେରା, ରାଜୀବ ସେନାପତି ବ୍ଲକ ସଭାପତି, ରାଜ୍ୟ ଛାତ୍ର ଜନତା ସାଧାରଣ ସମ୍ପାଦକ ଚିତ୍ତେଶ୍ୱର ବେହେରଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ପ୍ରଦାନ ସହି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସନ୍ତକ ଲେଙ୍କା, ପରେଶ ବେହେରା, ପ୍ରମୋଦ ପାଢ଼ୀ, ଟୁନା ମହାପାତ୍ର, ଚିନ୍ମୟ ପଣ୍ଡା, ହରେକୃଷ୍ଣ ବେହେରା, ସୀତାନାଥ ବେହେରା, ଛାତ୍ର ନେତା ଦୀପକ ସାହୁ, ସୌରଭ ପରିଡ଼ା, ଜୀବନ ଦାସ , ଅମର ପଣ୍ଡା, ଆଶିଷ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସୁନ୍ଦର ମହାନ୍ତ ଧନ୍ୟବାଦ ଦେଇଥିଲେ।

# ମାରୱାଡି ସମାଜର ହୋଲି ଉତ୍ସବ

ବେତନଟୀ, ୬।୩ (ଧରଣୀଧର ମହାନ୍ତି)

ବେତନଟୀ ମାରୱାଡି ସମାଜ ପକ୍ଷରୁ ସ୍ଥାନୀୟ ଧର୍ମଶାଳା ପରିସରରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବାଳିକା ବାଳକ, ଯୁବତୀ ଯୁବକ ଓ ବୃଦ୍ଧ ସମସ୍ତେ ବିଭିନ୍ନ ଖେଳ କୁଦ, ପ୍ରତିଯୋଗିତା, ମସ୍ତି, କରିବା ସହିତ ପୁରସ୍କାର ବିଜେତା ମଧ୍ୟ ହୋଇଥିଲେ। ସମସ୍ତେ ସକାଳୁ ହୋଲି ଖେଳ କାର୍ଯ୍ୟକ୍ରମ ପରେ ସନ୍ଧ୍ୟାରେ ମଜାମସ୍ତି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସମସ୍ତ ପରିବାରଙ୍କ ପାଇଁ କାର୍ଯ୍ୟକ୍ରମରେ ଦିନସାରା ଭୋଜିର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ମାରୱାଡି ଯୁବ ମଞ୍ଚର ସଭାପତି ଶକ୍ତିଲାଲ ଶର୍ମା, ସମ୍ପାଦକ ରୋନକ ଖଣ୍ଡେଲୱାଲ, ସିଦ୍ଧାର୍ଥ ଅଗ୍ରୱାଲ, ବିବେକ ଶର୍ମା, ସୁବାସ ଅଗ୍ରୱାଲ, ନୀତେଶ ଅଗ୍ରୱାଲ, କୌଶଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଉପଦେଷ୍ଟା ରାଜେଶ ଖଣ୍ଡେଲୱାଲ, ଦିନେଶ ଓଝା, ସୁନୀଲ ଖଣ୍ଡେଲୱାଲ, ମଣ୍ଟୁ ଶର୍ମା ପ୍ରମୁଖ ହୋଲି ଉତ୍ସବ ପାଳନ କରିଥିଲେ।

# ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା, ୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କୃଷି ବିଭାଗ ପକ୍ଷରୁ ବାରିପଦାସ୍ଥିତ ଛଉ ପଡ଼ିଆରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ମୁଖ୍ୟ ବକ୍ତା ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସମ୍ମାନିତ ଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାଏକ , ଜିଲା ମୁଖ୍ୟ ଉଦ୍ୟାନ କୃଷି ଅଧିକାରୀ ଲୋକନାଥ ମିଶ୍ର ପ୍ରମୁଖ ଯୋଗଦେଇ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ପାଇଁ ସରକାରଙ୍କ ସବସିଡ଼ି ବ୍ୟବସ୍ଥା ସମ୍ପର୍କରେ ଅବଗତ କରିଥିଲେ। ଏହି ମେଳା ଦ୍ୱାରା ଚାଷୀମାନେ ଜ୍ଞାନ ଅର୍ଜନ କରିବା ସହିତ କୃଷିର ବିକାଶ ପାଇଁ ଏଭଳି ମେଳା ହେବା ଏବଂ ଏହା ମାଧ୍ୟମରେ କୃଷକଙ୍କୁ ସଚେତନ କରାଯିବା ଆବଶ୍ୟକ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏହି କୃଷି ଯନ୍ତ୍ରପାତି ମେଳାରେ ୧୧୪ ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଉଛି । ସରକାରଙ୍କ ରିହାତି ଦରରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଯନ୍ତ୍ରପାତି ମଧ୍ୟ ପ୍ରଦାନ କରାଯିବ। ବର୍ତ୍ତମାନ ସମୟ ଓ ଶ୍ରମିକ ଅଭାବକୁ ଏଡାଇବାକୁ ଏବଂ କୃଷକଙ୍କୁ ଅଧିକ ସଫଳ କରାଇବା ସରକାରଙ୍କ ଏକ ବଡ଼ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଯୁଦ୍ଧ ବନ୍ଦ ଦାବିରେ ସିପିଆଇର ବିକ୍ଷୋଭ

ବାରିପଦା, ୬।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଯୁଦ୍ଧର ଧ୍ୱଂସ ଲୀଳାକୁ ନିନ୍ଦା କରିଛି ସିପିଆଇ। 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, ଧ୍ୱଂସ ନୁହେଁ ଜୀବନ ଚାହୁଁ' ଭଳି ସ୍ଲୋଗାନ ନେଇ ସିପିଆଇ ମୟୂରଭଞ୍ଜ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା ବାରିପଦା ପାଲବଣି ବାଇପାସଠାରେ ଅନୁଷ୍ଠିତ ହୋଇଯାଇଛି।

ପ୍ରତିବାଦ ସଭାରେ ସିପିଆଇ ଜିଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ହରି ଲୋହାର୍, ମହେଶ୍ୱର ବେହେରା, ଶାଖାଏ ମାଝୀ, ମୁଦୁନୀ ବିନ୍ଧାଣି, ଶାରଦେଇ ବିନ୍ଧାଣି, ସୋମବାରି ପାତ୍ର, ମମତା ମିଶ୍ର, ପ୍ରମିଳା ବିନ୍ଧାଣୀ, ସୁବାସିନୀ ବିନ୍ଧାଣି, ରବିନ୍ଦ୍ର ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ସାଇଁକୁଳା ଉତ୍ସବମୁଖର

ଗୋପବନ୍ଧୁ ନଗର, ୬।୩
(ଶାନ୍ତନୁ କୁମାର ମଦୁଆଳ)

## ଦୋଳ ମେଳଣ

ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳାରେ ୧୨୨ ବର୍ଷରେ ପଦାର୍ପଣ କରିଛି ପ୍ରସିଦ୍ଧ ଦୋଳ ମେଳଣ। ଉତ୍ସବ ମୁଖର ହୋଇଉଠିଛି ସମଗ୍ର ଅଞ୍ଚଳ। ପାରମ୍ପରିକ ଦୋଳ ଯାତ୍ରା ୫ ତାରିଖ ସନ୍ଧ୍ୟାରୁ ଆରମ୍ଭ ହୋଇଛି। ମୟୂରଭଞ୍ଜ ଓ ପଡ଼ୋଶୀ ବାଲେଶ୍ୱର ଜିଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସୁସଜ୍ଜିତ ବିମାନର ମିଳନସ୍ଥଳରେ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ଦେଖିବାକୁ ମିଳିଥିଲା। ଠାକୁରମାନେ ବିମାନରେ ବସି ମିଳିତ ପଟୁଆରରେ ଉକ୍ତଙ୍କ ଗହଣରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ପ୍ରତି ବର୍ଷ ଭଳି ପରମ୍ପରା ଅନୁଯାୟୀ ଗ୍ରାମର ଦୁଇ ସାମରାୟ, ଦୁଇ ରାହାସ ବିହାରୀ ଜୀଉ, ଗୋବିନ୍ଦ ଗୋପାଳ ଜୀଉ, ଦୁଇ ରାଧାମୋହନ ଜୀଉ, ବ୍ରଜ ବିନୋଦ ରାୟ ପ୍ରଭୃତି ସାତ ଠାକୁର ପୂଜା ମଣ୍ଡପକୁ ବିଜେ କରିଥାନ୍ତି ଓ ୯ ଦିନ ପୂଜା ମଣ୍ଡପରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଚଳିତ ବର୍ଷ ବିମାନ ମଣ୍ଡପରେ ମୋଟ ୧୩୦ ରାଧାକୃଷ୍ଣଙ୍କ ବିଗ୍ରହ ଆସି ମିଳିତ ହୋଇଥିଲେ।

ମେଳାରେ ବିଭିନ୍ନ ଷ୍ଟଲମାନ ଖୋଲାଯାଇଛି। ବାଉଁଶ ହାତ ତିଆରି ବିଭିନ୍ନ ପ୍ରକାରର ଘର କରଣା ଜିନିଷ ଏହି ମେଳାରେ ଆକର୍ଷଣ ବଢ଼ାଇଛି। ଦୁଇ ସପ୍ତାହ ଧରି ମେଳା ଚାଲିବ। ମେଳା ପରିଚାଳନା ପାଇଁ ସ୍ୱତନ୍ତ୍ର କମିଟି ରହିଛି। ଏଥିରେ ସଭାପତି ବୈଦ୍ୟନାଥ ମିଶ୍ର ଓ ସମ୍ପାଦକ ଚନ୍ଦ୍ର ଶେଖର ଦାସଙ୍କ ସମେତ ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ମେଳା ଶେଷ ପର୍ଯ୍ୟନ୍ତ ଏଠାରେ ଏକ ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା ହୋଇଛି। ମେଳା ଶୃଙ୍ଖଳା ପାଇଁ ଉଦଳା ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ, ବାରିପଦା ଥାନା ଇନ୍ସପେକ୍ଟର ରାମହରି ସେଠୀ, ଖୁଣ୍ଟା ଥାନା ସେକେଣ୍ଡ ଅଫିସର ଲିଲି ବେହେରା, ଉଦଳା ଥାନା ସବ ଇନ୍ସପେକ୍ଟର ଜଗନ୍ନାଥ ପୋଇ, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଙ୍କ ସମେତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅତିରିକ୍ତ ତହସିଲଦାର ଶୁଭନ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି କାର୍ଯ୍ୟ ସମ୍ପାଦନ କରିଥିଲେ।

ସେହିପରି ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ଜୟପୁରଠାରେ ମଧ୍ୟ ୯୨ ତମ ଦୋଳ ମେଳଣ ଉତ୍ସବରେ ୫୨ ବିମାନ ଦୋଳଗୋବିନ୍ଦ ଜୀଉଙ୍କ ମଣ୍ଡପରେ ପହଞ୍ଚିଥିଲେ। ସଭାପତି ସୋମନାଥ କର, ସମ୍ପାଦକ ବରଜୁ କୁମାର ରାଜ ପ୍ରମୁଖ ପରିଚାଳନା କରିଥିଲେ। କୁଆମରା, ଖିରିପଦା, ପାଳଶା, ଚିଲିମାଠାରେ ମଧ୍ୟ ଦୋଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।



# ନିଷ୍କାସନ ବାଟ ବନ୍ଦ, ରାସ୍ତାରେ ଜମିଛି ଡ୍ରେନ୍ ପାଣି

■ଯାତାୟାତ ପାଇଁ ଅସୁବିଧା ଭୋଗୁଛନ୍ତି ସ୍ଥାନୀୟ ବାସିନ୍ଦା

■ବର୍ଷା ହେଲେ ଲୋକଙ୍କ ଘରେ ପଶିବ ଅପରିଷ୍କାର ପାଣି

ବାଲେଶ୍ୱର,୬।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ପୌରପାଳିକା ଅଧୀନ ୨୩ ନଂ. ୱାର୍ଡର ଫିରିଙ୍ଗିପାଟଣା ଚନ୍ଦନ ପୋଖରୀଠାରୁ ଯାଇଥିବା ଡ୍ରେନ୍‌ର ଅପରିଷ୍କାର ପାଣି ଦୀର୍ଘବର୍ଷ ଧରି ଏକ ବ୍ୟକ୍ତିଗତ ଜାଗା ଦେଇ ନିଷ୍କାସନ ହେଉଥିଲା। ଦୁଇମାସ ପୂର୍ବରୁ ସମ୍ପୃକ୍ତ ଜାଗା ମାଲିକଙ୍କ ପକ୍ଷରୁ ତାଙ୍କ ଜାଗାରେ ମାଟି ପକାଇ ପୋତି ଦିଆଯିବାରୁ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହିଛି। ସ୍ଥାନୀୟ ଲୋକେ ଯଥାଶୀଘ୍ର ନୂଆ ଡ୍ରେନ୍ ନିର୍ମାଣ କରିବା ପାଇଁ ପୌରାଧ୍ୟକ୍ଷା ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ୨ମାସ ବିତିଯାଇଥିଲେ ମଧ୍ୟ ପୌରପାଳିକା ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଫିରିଙ୍ଗିପାଟଣା ଚନ୍ଦନ ପୋଖରୀଠାରୁ ଏହି ଡ୍ରେନ୍ ବାହାରି ଷଡ଼ଙ୍ଗୀ ଘର ପର୍ଯ୍ୟନ୍ତ ଆସିଛି। ଏହାଦ୍ୱାରା ୭୦ ପରିବାରର ଅପରିଷ୍କାର ପାଣି ଏବଂ ବର୍ଷାଦିନେ ପୋଖରୀ ପାଣି ନିଷ୍କାସନ ହୋଇଥାଏ। ତେବେ ଷଡ଼ଙ୍ଗୀ ଘର ନିକଟରେ ଡ୍ରେନ୍‌ର ନିଷ୍କାସନ ବାଟକୁ ବନ୍ଦ କରି ଦିଆଯିବା ଫଳରେ ଚାନ୍ଦମାରିପଡ଼ିଆର ଖେଳପଡ଼ିଆକୁ ଯାଇଥିବା ଗଳି ରାସ୍ତା ଉପରେ ୫ ଫୁଟ୍ ଉଚ୍ଚର ଅଳିଆ ଆବର୍ଜନା ପାଣି ଜମି ରହିଛି। ଫଳରେ ସ୍ଥାନୀୟ ବାସିନ୍ଦା ଏହି ରାସ୍ତା ଦେଇ ଯାତାୟାତ କରିବାରେ ଅସୁବିଧା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ଅଳିଆ ଆବର୍ଜନା ମିଶ୍ରିତ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶିବାର ଆଶଙ୍କା


ଚନ୍ଦନ ପୋଖରୀ-ଚାନ୍ଦମାରିପଡ଼ିଆ ଖେଳପଡ଼ିଆ ରାସ୍ତାରେ ଡ୍ରେନ୍ ପାଣି ଜମିରହିଛି।

ରହିଛି। ସ୍ଥାନୀୟ ଲୋକଙ୍କ ପକ୍ଷରୁ ତୁରନ୍ତ ନୂଆ ଡ୍ରେନ୍ ନିର୍ମାଣ ଲାଗି ପୌରାଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ପୌରପାଳିକାର ଏସ୍‌ଡିଓ ସେଠାକୁ ଆସି ସରଜମିନ ଦେଖିଯାଇଥିଲେ। ଖୁବ୍‌ଶୀଘ୍ର କାଉନସିଲ ବୈଠକର ଅନୁମୋଦନ ନିଆଯାଇ ନୂଆ ଡ୍ରେନ୍ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାମଧ୍ୟରେ ୨ ମାସ ବିତିଯାଇଥିଲେ ବି ପୌରପାଳିକା ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଇ ନାହିଁ। ଆଗାମୀ ଦିନରେ ବର୍ଷା ହେଲେ ଚନ୍ଦନ ପୋଖରୀଠାରୁ ଚାନ୍ଦମାରିପଡ଼ିଆର ଖେଳପଡ଼ିଆ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଦୁଇପାର୍ଶ୍ୱରେ ଥିବା ଘରଗୁଡ଼ିକରେ ଦୂଷିତ ଜଳ ପଶିବ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ଗୋବିନ୍ଦ ନାୟକ କହନ୍ତି, ପୌର କର୍ତ୍ତୃପକ୍ଷ ସହରବାସୀଙ୍କ ସମସ୍ୟା ସମାଧାନ କରିବା ଦିଗରେ ଗୁରୁତ୍ୱ ଦେଉ ନ ଥିବାରୁ ପୌରପାଳିକାର ବିଭିନ୍ନ ୱାର୍ଡରେ ଏଭଳି ସମସ୍ୟା ଦେଖାଯାଇଛି। ଚଳିତମାସ ନୂଆ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଗଲେ ସ୍ଥାନୀୟ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟହେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଡ୍ରେନ୍ ନିର୍ମାଣ ବାବଦରେ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି, ସେହି ଡ୍ରେନ୍ ନିର୍ମାଣ ପାଇଁ ୧୧ ଲକ୍ଷ ଟଙ୍କାର ଏଷ୍ଟିମେଟ କରାଯାଇଛି। ଆସନ୍ତା ୧୦ ତାରିଖରେ ହେବାକୁ ଥିବା କାଉନସିଲ ବୈଠକରେ ଏଥିପାଇଁ ଅନୁମୋଦନ ମିଳିଗଲେ, ତୁରନ୍ତ ଟେଣ୍ଡର ଡକାଯାଇ ୨୦ ତାରିଖ ପୂର୍ବରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ।

# 'ଲାଇନମ୍ୟାନ୍ ଟିପିଏନ୍‌ଓଡିଏଲ୍‌ର ପ୍ରମୁଖ ଯୋଦ୍ଧା'


ଲାଇନମ୍ୟାନ୍ ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀ ଓ ଲାଇନମ୍ୟାନ।

## ଲାଇନମ୍ୟାନ୍ ଦିବସ ପାଳିତ

ବାଲେଶ୍ୱର,୬।୩(ବାଞ୍ଛାନିଧି ଦେ)

ଟାଟାପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିଏନ୍‌ଓଡିଏଲ୍(ଟିପି ନର୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍) ପକ୍ଷରୁ ବୁଧବାର ସମସ୍ତ ସେକ୍ସନ ତଥା କାର୍ଯ୍ୟାଳୟସ୍ତରରେ ଲାଇନମ୍ୟାନ୍ ଦିବସ ପାଳିତ ହୋଇଯାଇଛି। ବାଲେଶ୍ୱର କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ ପୌରୋହିତ୍ୟ କରି କହିଥିଲେ, ଲାଇନମ୍ୟାନ୍‌ମାନେ ଟିପିଏନ୍‌ଓଡିଏଲ୍‌ର ପ୍ରମୁଖ ଯୋଦ୍ଧା। ସେମାନଙ୍କ କାର୍ଯ୍ୟକୁଶଳତା ବୃଦ୍ଧି ପାଇଁ ଆଧୁନିକ ପ୍ରଯୁକ୍ତି ଓ ପ୍ରଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ପରିଚାଳନା ମୁଖ୍ୟ ନୀଲେଶ ପୋଟଫଡ଼େ, କମର୍ସିଆଲ ମୁଖ୍ୟ ଜୟଦୀପ ରୟ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ମାନବ ସମ୍ବଳ ବିଭାଗ ମୁଖ୍ୟ ରମେନ୍ଦ୍ର ବନିକ, ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ର, ବାଲେଶ୍ୱର, କେନ୍ଦୁଝର, ଯାଜପୁର ଓ ଭଦ୍ରକ ବୈଦ୍ୟୁତିକ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କମ୍ପାନୀର ସମସ୍ତ ଅଧିକାରୀ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସଚେତନତା କାର୍ଯ୍ୟକ୍ରମ, ସଚେତନତା ଓ ପୋଷ୍ଟର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ବିଜୁ ଜୟନ୍ତୀ ପାଳନ ପରେ ବଢୁଛି ରାଜନୈତିକ ଉଷ୍ମତା

ଖଇରା,୬।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରାଠାରେ ବିଜୁ ଜୟନ୍ତୀ ପାଳନ ବେଳର କିଛି ରୋଚକ ଦୃଶ୍ୟ ଖଇରା ରାଜନିତୀକୁ ହଲଚଲ କରିଛି। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ବେଳେ ବିଜେଡି ନେତୃବୃନ୍ଦଙ୍କ ଗହଣରେ କୁପାରୀ ସରପଞ୍ଚଙ୍କ ଯୋଗଦାନ ପ୍ରଚ୍ଛଦପଟର କିଛି ନୂଆ ସମୀକରଣ ଓ ସମ୍ଭାବନାକୁ ସୂଚିତ କରୁଛି। ବିଶେଷ କରି ପୂର୍ବରୁ ବିଜେଡି ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କ ବିରୋଧୀ ଭାବେ ପରିଚିତ କୁପାରୀ ଜୋନର ଭାଜପା ଜିଲାପରିଷଦ ସଭ୍ୟ ଗଜେନ୍ଦ୍ର ଦାସଙ୍କ ସରପଞ୍ଚ ସ୍ତ୍ରୀ ଜ୍ୟୋସ୍ନାରାଣୀ ଦାସଙ୍କ ହଠାତ ଏଠାରେ ଆବିର୍ଭାବ ସିମୁଳିଆ ରାଜନୀତିକୁ ଅଧିକ ରୋଚକମୟ କରିଛି। ବିଶେଷ କରି ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ଦୃଶ୍ୟ କିଛି ଅଦୃଶ୍ୟ ଘଟଣା ସମ୍ପର୍କରେ ଆଭାସ ଦେଉଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଗୁରୁବାର ଖଇରା ଦୁର୍ଗାମଣ୍ଡପରେ ବ୍ଲକ୍ ବିଜେଡି ସଭାପତି ରାଜେନ୍ଦ୍ର ଦାସଙ୍କ ପୌରହିତ୍ୟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଜୟନ୍ତୀ ପାଳନର ଅନ୍ୟକିଛି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ପୂର୍ବତନ ବିଧାୟକଙ୍କ ସମେତ ସାରୁଗାଁ, ନନ୍ଦୁର, ସୁଣ୍ଢିରା, ଗରସଙ୍ଗ, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର ଖଇରା ସଦର ପଞ୍ଚାୟତର ଲୋକପ୍ରତିନିଧିମାନେ ଯୋଗ ଦେଇଥିଲେ। ହଠାତ ଏମାନଙ୍କ ଗହଣରେ କୁପାରୀ ସରପଞ୍ଚଙ୍କ ଆବିର୍ଭାବ ଉପସ୍ଥିତ ବିଜୁପ୍ରେମୀଙ୍କୁ ଚକିତ କରଥିଲା । ବିଜେଡି ନେତୃବୃନ୍ଦଙ୍କ ସହ ସେ କେବଳ ବିଜୁବାବୁ, ଗାନ୍ଧୀ, ଗୋପବନ୍ଧୁଙ୍କୁ ପ୍ରତିମୂର୍ତ୍ତିରେ ମାଳ ପିନ୍ଧାଇ ନ ଥିଲେ ବରଂ ବିଜେଡି କର୍ମୀଙ୍କ ସହ ଖଇରା ମେଡିକାଲ ଯାଇ ରୋଗୀଙ୍କୁ

## ଚର୍ଚ୍ଚାରେ କୁପାରୀ ସରପଞ୍ଚଙ୍କ ଯୋଗଦାନ

ଫଳ ବଣ୍ଟନ କରିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ବର୍ତ୍ତମାନର ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ଦାସ ଉଭୟ ପଦ୍ମଦଳରୁ ବିଜୟୀ ହୋଇଥିବା ବେଳେ ସେମାନଙ୍କ ସମ୍ପର୍କ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଏଭଳି ପରିସ୍ଥିତିରେ ବିଜୁ ଜୟନ୍ତୀ ପାଳନ ଆଳରେ ଦାସ ଦମ୍ପତିଙ୍କ ବିଜେଡି ଲିଙ୍କ୍ ଖଇରା ପାଣିପାଗକୁ ସରଗରମ କରିଛି। ଏ ସମ୍ପର୍କରେ କୁପାରୀ ସରପଞ୍ଚଙ୍କ ପ୍ରତିକ୍ରିୟା ନେବାରେ ସେ ପିଲାଟି ଦିନରୁ ବିଜୁବାବୁଙ୍କୁ ଭଲ ପାଆନ୍ତି। ଏଣୁ ବିଜେଡି ଲିଙ୍କ୍ କଥା ସମ୍ପୂର୍ଣ୍ଣ ନିରାଧାର ବୋଲି ସେ କହିଛନ୍ତି ।


ବିଜେଡି କର୍ମୀ ଓ ଲୋକପ୍ରତିନିଧିଙ୍କ ଗହଣରେ କୁପାରୀ ସରପଞ୍ଚ।

# ଫାଟକରେ ତାଲା ପକାଇଲେ ଅଭିଭାବକ


ଅନଶନରେ ବସିଥିବା ଅଭିଭାବକ।

## ହାତୀଗଡ଼ ହାଇସ୍କୁଲ

### ମାଇନରିଟି ଆଳରେ ଶିକ୍ଷକ ନିଯୁକ୍ତିରୁ ବଞ୍ଚିତ

ଜଳେଶ୍ୱର,୬।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ୧୯୬୫ରୁ ପ୍ରତିଷ୍ଠିତ ହାତୀଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତିକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଛି। ବିଦ୍ୟାଳୟକୁ 'ମାଇନରିଟି' ବା ସଂଖ୍ୟାଲଘୁ ଶ୍ରେଣୀଭୁକ୍ତ ଦର୍ଶାଇ ଶିକ୍ଷକ ନିଯୁକ୍ତିରୁ ବଞ୍ଚିତ ରଖାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଗ୍ରାମବାସୀ ଓ ଅଭିଭାବକ ସ୍କୁଲ୍ ଗେଟ୍‌ରେ ତାଲା ପକାଇ ଆମରଣ ଅନଶନରେ ବସିଥିଲେ।

ଅଭିଯୋଗ ମୁତାବକ, ୧୯୯୪ରେ ସରକାରୀ ମାନ୍ୟତା ପାଇଥିବା ବିଦ୍ୟାଳୟରେ ବର୍ତ୍ତମାନ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୮୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆଶ୍ଚର୍ଯ୍ୟର ବିଷୟ ମାତ୍ର ୬ଜଣ ସଂଖ୍ୟାଲଘୁ ପିଲାଥିବା ସତ୍ତ୍ୱେ ବିଭାଗ ଏହାକୁ 'ମାଇନରିଟି' ଆଳ ଦେଖାଇ ୩୦ ବର୍ଷ ହେଲା ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦେଉନାହିଁ। ଏପରିକି ବିଦ୍ୟାଳୟରେ ପୂଜା ପାର୍ବଣ ଉପରେ ମଧ୍ୟ ରୋକ୍ ଲଗାଯାଇଛି। ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟ ଅନୁସାରେ, ସରକାରୀ କାଗଜପତ୍ରରେ କୌଣସି ସ୍ଥାନରେ ଏହି ସ୍କୁଲ୍ ପାଇଁ 'ମାଇନରିଟି' ଶବ୍ଦ ଉଲ୍ଲେଖ ନାହିଁ। ମାତ୍ର ଜଣେ ସ୍ଥାୟୀ ଇଂରାଜୀ ଶିକ୍ଷୟିତ୍ରୀ ଓ ୩ଜଣ ଅତିଥି ଶିକ୍ଷକ ରହିଛନ୍ତି। ଧାରଣାସ୍ଥଳରେ ରାଇବଣିଆ ଥାନା ଅଧିକାରିଣୀ ଚମ୍ପାବତି ସୋରେନଙ୍କ ସମେତ ପୋଲିସ ବଳ ମୁତୟନ ଥିଲେ। ପରିସ୍ଥିତି ଜଟିଳ ହେବା ଦେଖି ଦିନ ୧୨ଟା ସମୟରେ ଜଳେଶ୍ୱର ବିଇଓ ଜଗବନ୍ଧୁ ଜେନା, ଏବିଇଓ ସୁଶାନ୍ତ ଜେନା ଏବଂ ଏସ୍‌ଡିପିଓ ସୁବ୍ରତ ବେହେରା ପହଞ୍ଚିଥିଲେ। ବିଇଓ ଫୋନ୍ ଯୋଗେ ଉପ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମାର୍ଚ୍ଚ ୮ ରବିବାର ଉପ ଜିଲାପାଳ, ଡିଇଓ ଏବଂ ବିଇଓ ବିଦ୍ୟାଳୟକୁ ଆସି ଅଭିଭାବକଙ୍କ ସହ ଆଲୋଚନା କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ଅଭିଭାବକମାନେ ଅନଶନ ପ୍ରତ୍ୟାହୃତ କରିଥିଲେ। ଆନ୍ଦୋଳନରେ ତରୁଣ ପଟ୍ଟନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ଗଙ୍ଗାଧର ଦାସ, ଚନ୍ଦନ ଦାସ, ସତ୍ୟନାରାୟଣ ବିଶ୍ୱାଳ, ପ୍ରଫୁଲ୍ଲ ସୁର, ନାରାୟଣ ଚନ୍ଦ୍ର ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ସାମିଲ ହୋଇଥିଲେ।

# ଦୋକାନ ଭିତରକୁ ମାଡ଼ିଗଲା ବସ୍

## ଜଣେ ଆହତ,ଦୋକାନ ନଷ୍ଟ

ଖଇରା,୬।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱରରୁ ସୋର ଯାଉଥିବା ଅନନ୍ୟା ନାମକ ବସ୍ ଖଇରା ପ୍ରାଣୀ ଚିକିତ୍ସାକେନ୍ଦ୍ର ନିକଟରେ ଗୁରୁବାର ଭାରସାମ୍ୟ ହରାଇ ଏକ ଦୋକାନ ଉପରକୁ ମାଡିଯିବା କାରଣରୁ ଜଣେ ଆହତ ହୋଇଥିବା ବେଳେ ଦୋକାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସକୁ ଜବତ କରି ଥାନାକୁ ଆଣିଛି। ଆହତ ଜଣକ ହେଲେ ନନ୍ଦୁର ଗ୍ରାମର ମାଳତୀ ମହାନ୍ତି। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଇରା ଓ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ପ୍ରତ୍ୟେକ ଦିନ ପରି ବାଲେଶ୍ୱରରୁ କୁପାରୀ ଆସୁଥିବା ଅନନ୍ୟା ବସ୍(ଓଡ଼ି୦୧ବିଏ ୨୬୨୭)ଖଇରା ପ୍ରାଣୀ ଚିକିତ୍ସାକେନ୍ଦ୍ର ନିକଟରେ ଭାରସାମ୍ୟ ହରାଇ ଆଳଦା ଗ୍ରାମର ମଣ୍ଟୁ ଦାସଙ୍କ ଘର ଉପରୁ ମାଡ଼ି ଯାଇଥିଲା। ଫଳରେ ତାଙ୍କର ଚାଓମିନ ଦୋକାନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ନନ୍ଦୁର ଗ୍ରାମର ମାଳତୀଙ୍କ ମୁଣ୍ଡରେ ଆଘାତ ଯୋଗୁ ତାଙ୍କୁ ଖଇରାରେ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଅନ୍ୟଯାତ୍ରୀମାନଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବ୍ଲକ୍ ବିଜେଡି ସଭାପତି ରାଜେନ୍ଦ୍ର ଦାସ ଆହତଙ୍କୁ ମେଡିକାଲରେ ଭେଟି ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ।



ଦୁର୍ଘଟଣା ଘଟଇଥିବା ବସ୍।

# ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟିକାକରଣ

ବାହାନଗା,୬।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକ୍ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଏଚ୍‌ପିଭି (ହ୍ୟୁମାନ୍ ପାପିଲୋମା ଭାଇରସ୍) ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର ଫିତାକାଟି ଶୁଭାରମ୍ଭ କରିଥିଲେ। ଏଥିରେ ୧୮,୧୯ ଓ ୨୦ନଂ. ଜୋନର ଜିଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ବିନପ୍ରଭା ଶିଅଳ, ଶିଶିର କୁମାର ଅଗସ୍ତି ଯୋଗ ଦେଇଥିଲେ। ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ ଡା.ଧିରେସ କୁମାର ଷଡ଼ଙ୍ଗୀ, ଅଶ୍ୱିନୀ ମହାପାତ୍ର, ସାମାଜିକ କର୍ମୀ ମଧୁସୂଦନ ଶିଅଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୀକା ବ୍ୟୟ ବହୁଳ ହୋଇଥିବାରୁ ସମସ୍ତ ଯୋଗ୍ୟ ହିତାଧିକାରୀମାନେ ନିକଟସ୍ଥ ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସହିତ ଯୋଗାଯୋଗ କରି ମାଗଣାରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଇପାରିବେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମଧୁସୂଦନ ବିଶ୍ୱାଳ, ବିପିଏମ୍ ସୁଜାତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଏମ୍ ଜୀବନ କୁମାର ପାଢ଼ୀ, ବିଏମ୍ ନିରୋଦ କୁମାର ଦାସ, ସୁପରଭାଇଜର ସରୋଜ ମିଶ୍ର, ପ୍ରେମଲତା ମଲ୍ଲିକଙ୍କ ସମେତ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ସହଯୋଗ କରିଥିଲେ।

# ବରିଷ୍ଠ ଖବରଦାତାଙ୍କ ପରଲୋକ

ଖଇରା/ ଔପଦା,୬।୩
(ଉତ୍କଳବନ୍ଧୁ ପଣ୍ଡା/ଧରିତ୍ରୀ ପଣ୍ଡା)



ବାଲେଶ୍ୱର ଜିଲା ଅଧୀନ ଔପଦା ଓ ଖଇରା ଅଞ୍ଚଳର ବରିଷ୍ଠ ଖବରଦାତା ରାମଚନ୍ଦ୍ର ଦାସଙ୍କ ଗୁରୁବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହୃଦଘାତରେ ପରଲୋକ ଘଟିଛି। ତାଙ୍କ ମରଶରୀର ଭୁବନେଶ୍ୱରରୁ ପ୍ରଥମେ ଧୋବାଗଡିଆରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ଖଇରା, ଗଣ୍ଡିବେଡ ଓ ଔପଦା ବଜାର ପରିକ୍ରମା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ମାନସ କୁମାର ଦାଶ ମୁଖାଗ୍ନି ଦେଇଥିଲେ। ଖଇରା ସାମ୍ବାଦିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ପ୍ରତିଭା ପରିବାର, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସାହିତ୍ୟ ସଂସଦ, ବାମଦଳର ସଦସ୍ୟମାନେ ଶେଷ ଦର୍ଶନ କରିଥିଲେ। ସେହିଭଳି ବିଧାୟକ ପଦ୍ମଲୋଚନ ପଣ୍ଡା,ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ପ୍ରମୁଖ ଶ୍ରୀ ଦାସଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ୫୭ ବର୍ଷରେ ଘାଟଘରସାହି ପଞ୍ଚଦୋଳ

ନୀଳଗିରି,୬।୩(ପ୍ରଶାନ୍ତ ବିଶ୍ୱାଳ)

ଫାଲଗୁନ ଶୁକ୍ଳ ଦଶମୀଠାରୁ ସାଧାରଣତଃ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ ଯାହା ଫଗୁଦଶମୀ ନାମରେ ଖ୍ୟାତ। ପର୍ବରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ବିମାନରେ ଘରକୁ ଘର ବୁଲାଇ ଭୋଗ ଲାଗି ହୁଏ। ଫଗୁଦଶମୀ ତିଥିରୁ ଫଗୁ (ରଙ୍ଗ) ଖେଳ ଓ ଗ୍ରାମ ପରିକ୍ରମା କରାଯାଏ। ଦୋଳପୂର୍ଣ୍ଣିମା ଦିନ ରାଧାକୃଷ୍ଣଙ୍କୁ ଦୋଳ ମଣ୍ଡପକୁ ନିଆଯାଇଥାଏ। ପରଦିନ ରଙ୍ଗରପର୍ବ ହୋଲି ଖେଳାଯାଇଥାଏ। ଏଭଳି ଏକ ମହାନ୍ ପରମ୍ପରାକୁ ବଜାୟ ରଖିଛନ୍ତି ନୀଳଗିରି ସହରର ଘାଟଘରସାହି ଗ୍ରାମବାସୀ। ୧୯୭୦ରେ କିଛି ଉଦ୍ୟମୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହିପର୍ବକୁ ୫ଦିନ ଧରି ପାଳନ କରାଯାଉଛି। ଦୀର୍ଘ ୫୭ବର୍ଷ ଧରି ପାଳନ କରାଯାଉଥିବା ବେଳେ ଚଳିତବର୍ଷ ପୂର୍ଣ୍ଣିମାତିଥିଠାରୁ ୧୧ଟି ଦୋଳବିମାନଙ୍କ ଉପସ୍ଥିତିରେ ଘାଟଘରସାହିସ୍ଥିତ ଦୋଳମଣ୍ଡପରେ ଉତ୍ସବ ମୁଖରିତ ହୋଇଛି। ଭଜନ କୀର୍ତ୍ତନ ସହିତ ପ୍ରତିସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ ଅନୁଷ୍ଠିତ ହେଉଛି। ଗୁରୁବାର ୩ୟ ଦିବସରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଧାକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଗୌରବମୟ ସଂସ୍କୃତି ଓ ପରମ୍ପରା ସମାଜରେ ଭାଇଚାରା ଏବଂ ଏକତା ବଜାୟ ରଖିବାକୁ ଉପସ୍ଥିତ ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀଙ୍କୁ ନିବେଦନ ରଖିଥିଲେ। ସମ୍ମାନିତ ଅତିଥିଭାବେ ନୀଳଗିରି କାର୍ଯ୍ୟନିର୍ବାହୀ ନଗରପାଳ ମହେନ୍ଦ୍ରନାଥ ବେହେରା ଯୋଗଦେଇ ଅଯୋଜନକୁ ପ୍ରଶଂସା କରିବା ସହ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ପଞ୍ଚଦୋଳ କମିଟିର ସଭାପତି ମାନସ ପାଢ଼ୀଙ୍କ ମାର୍ଗଦର୍ଶନରେ ସମ୍ପାଦକ ରଞ୍ଜିତ ସାହୁ, ଉପ ସଭାପତି ରମାକାନ୍ତ ମହାନ୍ତି, ସହ ସମ୍ପାଦକ ଜର୍ଜ ବର୍ଣ୍ଣୱିସ, କୋଷାଧ୍ୟକ୍ଷ ରମେଶ ସ, ସତ୍ୟପ୍ରକାଶ ବୀରବର, ମନୋରଞ୍ଜନ ବେହେରା, ଭଗବାନ ଦଣ୍ଡପାଟ ପ୍ରମୁଖ ସହଯୋଗ କରିଥିଲେ। ଦୀପକ ଦାସ ମଞ୍ଚ ପରିଚାଳନା କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଏବଂ ଗ୍ରୁପ୍‌ଙ୍କ ସୁମଧୁର ସଙ୍ଗୀତରେ ଝୁମିଥିଲେ ଶତାଧିକ ଦର୍ଶକ।


ଏମ୍‌ପି ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

# ରାଜ୍ୟସ୍ତରରେ ଭାଗନେବେ ୫ ପ୍ରତିଯୋଗୀ

## ଜିଲାସ୍ତରୀୟ 'ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ'

ବାଲେଶ୍ୱର,୬।୩(ବାଞ୍ଛାନିଧି ଦେ)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଗୁରୁବାର ଜିଲାସ୍ତରୀୟ 'ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଚେତନତା ଓ ନେତୃତ୍ୱ ଗୁଣର ବିକାଶ ସହ ବିକଶିତ ଭାରତ ଗଠନରେ ସେମାନଙ୍କ ମତାମତ, ଚିନ୍ତାଧାରାକୁ ପ୍ରାଧାନ୍ୟ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ବାଲେଶ୍ୱର ନେହେରୁ ଯୁବକେନ୍ଦ୍ର ପରିଷଦର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ



ଅତିଥିଙ୍କ ଗହଣରେ ରାଜ୍ୟସ୍ତରକୁ ମନୋନୀତ ଶ୍ରେଷ୍ଠ ପ୍ରତିଯୋଗୀମାନେ।

ଶିକ୍ଷା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ମହାବିଦ୍ୟାଳୟର ୩୮ ପ୍ରତିଯୋଗୀ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ବକ୍ତୃତା ପ୍ରଦାନ କରିଥିଲେ। ସେହିପରି ଜିଲାର ୧୮ରୁ ୨୫ ବର୍ଷ ବୟସର ଛାତ୍ରୀଛାତ୍ର ଓ ଯୁବବର୍ଗ 'ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ନାମ ପଞ୍ଜୀକରଣ ହୋଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ କୁଳପତି ପ୍ରଫେସର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡିପିଓ ଡ. ପ୍ରତିମା ପ୍ରଧାନ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ବିବେଚିତ ୫ ପ୍ରତିଯୋଗୀ କଶିଶ ଦାଶ, ବିଶ୍ୱରଞ୍ଜନ ନାୟକ, ମଧୁସ୍ମିତା ବଳ, ଭବଶ୍ରୀ ଜେନା ଓ ସୁଷମା ଦାଶ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ଚୟନ ହୋଇଛନ୍ତି। ସେଠାରୁ ୩ ପ୍ରତିଯୋଗୀ କେନ୍ଦ୍ରସ୍ତରୀୟ ପ୍ରତିଯୋଗିତାରେ ସୁଯୋଗ ପାଇବେ। ସମନ୍ୱୟ କମିଟି ସଦସ୍ୟ ପ୍ରଫେସର ଆଚାର୍ଯ୍ୟ, ଏମ୍. ବିଘ୍ନେଶ, ଡ. ପ୍ରତିମା, ଅଧ୍ୟାପକ ପଣ୍ଡା, ଅଭୟ ନାୟକଙ୍କ ସମେତ ସମସ୍ତ ଏନ୍‌ଏସ୍‌ଏସ୍ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





# ଚିନ୍ତା ବଢ଼ାଇଲାଣି

# ଜଙ୍ଗଲ ନିଆଁ

■ ୭ ରେଞ୍ଜରେ ୪୫୨ ଫାୟାର ପଏଣ୍ଟ ଚିହ୍ନଟ
■ ଜନସାଧାରଣଙ୍କ ସହଯୋଗ ଲୋଡ଼ିଲେ ଡିଏଫ୍‌ଓ



ଜଣେ ବନ କର୍ମଚାରୀ ଜଙ୍ଗଲରେ ନିଆଁ ଲିଭାଉଛନ୍ତି।

କେନ୍ଦୁଝର,୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡରେ ଜଙ୍ଗଲ ନିଆଁ ଚିନ୍ତା ବଢ଼ାଇଲାଣି। ଗ୍ରୀଷ୍ମ ପ୍ରଭାବ ଆରମ୍ଭ ନ ହେଉଣୁ ବିଭିନ୍ନ ରେଞ୍ଜରେ ବ୍ୟାପକ ନିଆଁ ଲାଗିଲାଣି। ଅଦ୍ୟାବଧି ୭ଟି ରେଞ୍ଜରେ ୪୫୨ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ସେଥି ମଧ୍ୟରୁ ୪୪୬ ଜଙ୍ଗଲ ଏବଂ ୬ ଟି ଅଣଜଙ୍ଗଲ ସ୍ଥାନ ରହିଛି। ଜଙ୍ଗଲ ନିଆଁ ଯୋଗୁ ପ୍ରତିବର୍ଷ ଅନେକ ଶହ ହେକ୍ଟର ଜଙ୍ଗଲ ପୋଡ଼ି ନଷ୍ଟହେଉଛି। ତେଣୁ ଚଳିତବର୍ଷ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି। ବିଶେଷକରି ଜଙ୍ଗଲ ନିଆଁ ରୋକିବା ପାଇଁ ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି।

ସୂଚନା ମୁତାବକ, ଚଳିତ ବର୍ଷ ଘଟଗାଁ ବନାଞ୍ଚଳରେ ୧୬୯ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଥିବା ବେଳେ ତେଲକୋଇରେ ୧୨୬, କେନ୍ଦୁଝର ବନାଞ୍ଚଳରେ ୫୭, ପାଟଣାରେ ୫୨, ବିଜେପି ବନାଞ୍ଚଳରେ ୧୫, ବଡ଼ବିଲରେ ୨ ଓ ଚମ୍ପୁଆ ବନାଞ୍ଚଳରେ ୩୧ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି। କେନ୍ଦୁଝର ବନଖଣ୍ଡରେ ନିଆଁ ଲିଭାଇବା ପାଇଁ ୧୬୦ଟି ଫାୟାର ସ୍କ୍ୱାଡ୍ ଓ ଅନ୍ୟାନ୍ୟ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରତି ଛୋଟ ଅଞ୍ଚଳରେ ଏହି କର୍ମଚାରୀ ପହରା ଦେଇ ନିଆଁକୁ ଆୟତ୍ତ କରୁଛନ୍ତି। ଏହାବ୍ୟତୀତ ୨୪୭ଟି ବ୍ଲୋୟର ମେଶିନ ଓ ୧୨ଟି ଚାରିଚକିଆ ଗାଡ଼ି ଯୋଗାଇ ଦିଆଯାଇଛି। ପ୍ରତି ୧୦ଜଣ ସ୍କ୍ୱାଡ୍ ପାଇଁ ଗୋଟିଏ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରତ୍ୟେକ ଖଣି କମ୍ପାନୀ ୫ ଜଣ କରି କର୍ମଚାରୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ୧୨୩୨ କି.ମି. ଫାୟାର ଲାଇନ କରାଯାଇଛି। ଆଗକୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହ ୪୯୨ ବନ ସୁରକ୍ଷା ସମିତିକୁ ନିଆଁକୁ ନିୟନ୍ତ୍ରଣ ପାଇଁ ଦାୟିତ୍ୱ ଦିଆଯାଇଛି। ମହିଳାମାନେ ଜଙ୍ଗଲରେ ଫାୟାର ଲାଇନକରି ନିଆଁକୁ ନିୟନ୍ତ୍ରଣରେ ସହାୟତା କରିବେ। ଜଙ୍ଗଲର ସୁରକ୍ଷା ଦାୟିତ୍ୱ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବିରଳ ବନ୍ୟପ୍ରାଣୀ ଯୋଗୁ ଅଟେଇ ସଂରକ୍ଷିତ ଜଙ୍ଗଲରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଛି। ସାଟେଲାଇଟ ମାଧ୍ୟମରେ ବିଭାଗକୁ ଜଙ୍ଗଲ ନିଆଁ ସମ୍ପର୍କରେ ସୂଚନା ମିଳୁଥିବାବେଳେ ବନ କର୍ମଚାରୀ ଓ କଣ୍ଟ୍ରୋଲ ରୁମ୍ ନମ୍ବର ମଧ୍ୟ ଜାରି କରାଯାଇଛି। ଜଙ୍ଗଲରେ ନିଆଁ ଦେଖିବା ମାତ୍ରେ ବନ ବିଭାଗକୁ ଫୋନ୍‌କରି ସହଯୋଗ କରିବାକୁ ଡିଏଫ୍‌ଓ ନିବେଦନ କରିଛନ୍ତି। ଡିଭିଜନ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଇଏଏଫ୍‌ଏସ୍ ପ୍ରତୀକ ଇନ୍ଦଲକର, ଏସିଏଫ୍ ଅଶୋକ ଦାସ ପ୍ରମୁଖ ଯୋଗଦେଇ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ।

## ଜଳୁଛି କାଠକଟା ଜଙ୍ଗଲ



ଆନନ୍ଦପୁର,୬।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ କାଠକଟା ଫରେଷ୍ଟ ଅଧୀନ କାଠକଟା ଜଙ୍ଗଲରେ ଶୁକ୍ରବାର ନିଆଁ ଲାଗିଛି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବନକର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରାଯାଇଛି। ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ହେଁ ଜଙ୍ଗଲ ନିଆଁ ଧମୁ ନ ଥିବାରୁ ବନ ବିଭାଗର ଚିନ୍ତା ବଢ଼ିଛି। ଲୋକଙ୍କ ମଧ୍ୟରେ ମାନବିକତାର ଅଭାବ ଏଭଳି ଘଟଣାକୁ ପ୍ରୋତ୍ସାହିତ କରୁଛି ବୋଲି ବନ ବିଭାଗ କୁହିଛି। ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା, ଜଙ୍ଗଲର ପରିବେଶକୁ ସୁଦୃଢ଼ କରିବା ଲକ୍ଷରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିବା ବନ ବିଭାଗ ପକ୍ଷରୁ କୁହାଯାଉଛି।

## ଚମ୍ପୁଆ ରେଞ୍ଜରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଚମ୍ପୁଆ,୬।୩(ମହେଶ୍ୱର ଦାସ)

ଚମ୍ପୁଆ ବନାଞ୍ଚଳରେ ବନାଗ୍ନି ନେଇ ବନ ବିଭାଗଠାରୁ ଆରମ୍ଭକରି ପ୍ରକୃତିପ୍ରେମୀ ଓ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି ବନ ବିଭାଗ ପାଇଁ ବନାଗ୍ନି ନିରାକରଣ ଏକ ଚାଲେଞ୍ଜ ପାଲଟିଛି। ବନାଗ୍ନି ନିରାକରଣ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ସହ ଆବଶ୍ୟକ ସ୍ଥଳେ ଅଗ୍ନିଶମ ବିଭାଗର ସହାୟତାରେ ବନାଗ୍ନିକୁ ନିୟନ୍ତ୍ରଣ କରାଯାଉଛି ବୋଲି ଏସିଏଫ୍ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ମାର୍ଚ୍ଚ ଓ ଏପ୍ରିଲରେ ଗ୍ରୀଷ୍ମ ଦାଉ ବୃଦ୍ଧି ସହ ଜଙ୍ଗଲ ନିଆଁ ବୃଦ୍ଧି ହୋଇଥାଏ। ମାତ୍ର ଚଳିତ ବର୍ଷ ଜାନୁଆରୀରୁ ଜଙ୍ଗଲ ନିଆଁ ଲାଗିବା ଆରମ୍ଭ କଲାଣି। ବିଶେଷ ଭାବରେ ମହୁଲଫୁଲ, ଝୁଣା, ଚାଆଁର, କେନ୍ଦୁ, କାଠ ଇତ୍ୟାଦି ସଂଗ୍ରହ ପାଇଁ ଅନେକ ସମୟରେ ମନୁଷ୍ୟକୃତ ଜଙ୍ଗଲରେ ନିଆଁ ଲାଗୁଛି। କେତେକାଂଶରେ ଜଙ୍ଗଲ ନିକଟବର୍ତ୍ତୀ ଜମିରେ ନଡ଼ା ଯୋଗୁ ଜଙ୍ଗଲରେ ନିଆଁ ବ୍ୟାପିବା ସମ୍ଭାବନା ରହିଥାଏ। ଚମ୍ପୁଆ ବନାଞ୍ଚଳରେ ୧୧ ଗୋଟି ସଂରକ୍ଷିତ ଜଙ୍ଗଲ, ୨ ଗୋଟି ପିଆର୍‌ଏଫ୍, ୪ ଗୋଟି ଡିପିଏଫ୍, ୧୫୧ ଗୋଟି ଗ୍ରାମ୍ୟ ଜଙ୍ଗଲ, ୫ ଗୋଟି ସେକ୍ସନ, ୧୫ ଗୋଟି ବିଟ୍ ରହିଥିବା ବେଳେ ଏହି ବନାଞ୍ଚଳକୁ ଲାଗି ବଡ଼ବିଲ ବନାଞ୍ଚଳ, ସୁନ୍ଦରଗଡ଼ ଜିଲାର ବଣେଇ ବନାଞ୍ଚଳ, କେନ୍ଦୁଝର ବନାଞ୍ଚଳ ଏବଂ ମୟୂରଭଞ୍ଜର କରଞ୍ଜିଆ ବନାଞ୍ଚଳ ରହିଛି। ୧୧୪.୬ ସ୍କୋୟାର କି.ମି. ପରିସୀମା ଅନ୍ତର୍ଭୁକ୍ତ ଏହି ଜଙ୍ଗଲକୁ ସୁରକ୍ଷା ପାଇଁ ୬ ଜଣ ଫରେଷ୍ଟର, ୧୪ ଜଣ ଫରେଷ୍ଟ ଗାର୍ଡ, ୮ ଜଣ ଫାୟାର ସ୍କ୍ୱାଡ୍ ଓ ୮ ଗୋଟି ମଟର ଯାନ ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗ ପ୍ରସ୍ତୁତ ରହିଛି। ଅନ୍ୟପକ୍ଷରେ ୪୦ ଗୋଟି ପାଲାଦଳ, ଗ୍ରାମାଞ୍ଚଳ ବନ ସୁରକ୍ଷା ସମିତି ଓ ରେଞ୍ଜସ୍ତରରେ ବନାଗ୍ନି ନିବାରଣ ସଚେତନତାମୂଳକ କାର୍ଯ୍ୟ କରାଯିବା ସହ ୪୦ ଗୋଟି ଫାୟାର ବ୍ଲୋୟର ମେଶିନ ଦ୍ୱାରା ନିଆଁକୁ ଆୟତ୍ତ କରିବାକୁ ବନ ବିଭାଗ ସଜାଗ ରହିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୩୪ ଗୋଟି ସ୍ଥାନରେ ଲାଗିଥିବା ନିଆଁକୁ ବନ ବିଭାଗ ସଫଳତା ସହ ଆୟତ୍ତ କରିଛି। ଭୌଗୋଳିକ କାରଣ ଦୃଷ୍ଟିରୁ ବାଲିବନ୍ଧ ସେକ୍ସନ ଓ ବାମେବାରୀ ସେକ୍ସନ ବନ ବିଭାଗ ପାଇଁ ସମସ୍ୟା ସୃଷ୍ଟି କରୁଛି। କେତେକାଂଶରେ ହାତୀ ଘଉଡ଼ାଇବା ପାଇଁ ଜଙ୍ଗଲ ନିଆଁ ମନୁଷ୍ୟକୃତ ହେଉଥିବା ଏସିଏଫ୍ ଛତ୍ରିଆ ସୂଚନା ଦେଇଛନ୍ତି। ଜଙ୍ଗଲ ଜୀବନ ଜୀବିକାର ମାଧ୍ୟମ ହୋଇଥିବାରୁ ଏହାର ସୁରକ୍ଷା ପ୍ରତ୍ୟେକ ବର୍ଗର ଲୋକଙ୍କ ଦାୟିତ୍ୱ ବୋଲି ସେ ମତ ଦେଇଛନ୍ତି।

## ଦେଶୀ ମଦ ଜବତ, ୩ ଗିରଫ

ବଉଳା,୬।୩(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ଅବକାରୀ ଅଧିକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ୟାପକ ଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଆନନ୍ଦପୁର ଅବକାରୀ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡ଼ିହୀ ଅବକାରୀ ଥାନା କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ, ନପଙ୍ଗ, କାଠକଟା ଅଞ୍ଚଳରେ ଚଢ଼ାଉକରି ୧୮୨ ଲିଟର ଦେଶୀ ମଦ ଓ ୨୫ ଶହ ଲିଟର ମହୁଲ ପୋଚ ଜବତ କରିଥିଲା। ଏଥିସହ ଉକ୍ତ ଗ୍ରାମର ୩ ଜଣଙ୍କ ନାମରେ ୪ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପ-ନିରୀକ୍ଷକ ସୁଶାନ୍ତ ରାଉତ, କନ୍‌ଷ୍ଟେବଲ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଆଦି ସାମିଲ ରହିଥିଲେ।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

ପାଟଣା,୬।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବୃଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଗୁରୁତର ବୃଦ୍ଧ ଜଣକ ହେଲେ ହୀରାପଶି ଗ୍ରାମର ଲାଲ ମୋହନ ମାଝୀ(୬୨)। ଗୁରୁବାର ଅପରାହ୍ଣରେ ଗାଁରେ ଏକ ବିବାହ ଘଟଣାକୁ ନେଇ ସଭା ହୋଇଥିଲା। ସେଠାକୁ ଲାଲମୋହନ ଯାଇଥିବା ସମୟରେ ତାଙ୍କୁ ୫ ଜଣ ମିଶି ଏକ ବାଉଁଶ ଠେଙ୍ଗା ସାହାଯ୍ୟରେ ତାଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ଫଳରେ ଲାଲ ମୋହନଙ୍କ ମୁଣ୍ଡ ଫାଟିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖିରେଇଟାଙ୍ଗିରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅଭିଯୋଗ ପରେ ତୁରୁମୁଙ୍ଗା ପୋଲିସ ଏକ ମାମଲା(ନଂ. ୫୧/୨୬) ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ

କେନ୍ଦୁଝର,୬।୩
(ନରେଶଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ଶୁଆକାଟି ଫାଣ୍ଡି ଅନ୍ତର୍ଗତ ଶୁଆକାଟି କେସିସି କ୍ୟାମ୍ପ ଜଙ୍ଗଲ ନିକଟରୁ ଜଣେ ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ୧୦ ଦିନରୁ ଊର୍ଦ୍ଧ୍ୱ ହେବ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ଶବ ଝୁଲି ରହିଥିବାବେଳେ ମୁହଁ ସମେତ ଶରୀର ପଚିଶଢି ଯାଇଥିବାରୁ ଚିହ୍ନଟ କରାଯାଇ ପାରୁନି। ଶୁଆକାଟି ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି। ଏ ନେଇ ଏକ ମାମଲା(ନଂ.୧୪/୨୬)ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତେଦହ ବ୍ୟବଚ୍ଛେଦ ପରେ ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ମୃତକ ଯୁବକଙ୍କ ବୟସ ୩୫ ପାଖାପାଖି ହେବ ବୋଲି ପୋଲିସ କହିଛି।

## ଚାଷୀଙ୍କ ଉପରେ ମାଡ଼ିଗଲା ଟ୍ରାକ୍ଟର

ବଉଳା,୬।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ଛକ ନିକଟରେ ଏକ ଟ୍ରାକ୍ଟର ଚାଷୀଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଆନନ୍ଦପୁର ଥାନା ଭାଲୁଘର ଗ୍ରାମର ରମ୍‌ଜାନ ମହାନ୍ତ(୪୦)। ସେ ଏକ ଟ୍ରାକ୍ଟରରେ ଧାନ ଧରି ମିଲ୍‌କୁ ଯାଉଥିଲେ। ଢେଙ୍କା ଛକ ନିକଟରେ ଟ୍ରାକ୍ଟରରୁ ତଳକୁ ଖସିପଡ଼ିଥିଲେ। ଟ୍ରାକ୍ଟର ଚକା ତାଙ୍କ ଉପରେ ଚଢିଯାଇଥିଲା। ସୋସୋ ପୋଲିସ ପହଞ୍ଚି ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।

## ଟ୍ରକ୍ ପଛରେ ଧକ୍କାଦେଲା ଟ୍ରକ୍, ଡ୍ରାଇଭର ଗୁରୁତର

ପାଟଣା,୬।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିକଟରେ ଶୁକ୍ରବାର ଭୋରରୁ ଦୁର୍ଘଟଣା ଘଟିଛି। ଗୁରୁବାରଠାରୁ ବ୍ରେକ୍ ଡାଉନ ହୋଇ ଏକ ଟ୍ରକ୍ ରାଜପଥ ଉପରେ ଛିଡ଼ା ହୋଇଥିଲା। ଉକ୍ତ ଟ୍ରକ୍ ପଛରେ ଏକ ତରଭୁଜ ବୋଝେଇ ଟ୍ରକ୍ ଧକ୍କା ଦେବା ଫଳରେ ପଛ ଗାଡ଼ିର ଡ୍ରାଇଭର ଚାପି ହୋଇ ଗୁରୁତର ହୋଇଥିଲେ। ଗୁରୁତର ଡ୍ରାଇଭର ଜଣକ ହେଲେ ବିହାର ରାଜ୍ୟର ମହମ୍ମଦ ଆକବର (୩୧)। ସ୍ଥାନୀୟ ଲୋକେ ଉଦ୍ଧାର କରି ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## କେନ୍ଦୁଝରରେ ଚିନ୍ତାଜନକସ୍ଥିତିରେ ଡ୍ରପ୍ ଆଉଟ ସମସ୍ୟା: ପିସିସି ସଭାପତି



ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ କଂଗ୍ରେସ ନେତା।

କେନ୍ଦୁଝର,୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଯୋଡ଼ା ବନେଇକଳା ପଡିଆଠାରେ ଜିଲା କଂଗ୍ରେସ ପକ୍ଷରୁ ଜନ ସମ୍ପର୍କ ଅଧିକାର ସମାବେଶ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବା ସମୟରେ ଜିଲା କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା କଂଗ୍ରେସ ସଭାପତି ମନୋଜ ଜେନାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏଆଇସିସି ପ୍ରଭାରୀ ଅଜୟ ଲଲ୍ଲୁ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଏଆଇସିସି ସମ୍ପାଦକ ମୟୁର ଏସ ଜୟକୁମାର, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡମ, ରାଜ୍ୟ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ସୁଧାଂଶୁ ଦେଓ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, କଂଗ୍ରେସ ନେତା ଲଳିତ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ପିସିସି ସଭାପତି କହିଥିଲେ, କେନ୍ଦୁଝର ଜିଲାରେ ଅଧାରୁ ବହୁ ଛାତ୍ରୀଛାତ୍ର ପାଠ ଛାଡୁଛନ୍ତି। ଯାହାକି ଚିନ୍ତାଜନକ ବିଷୟ। ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଉପଯୁକ୍ତ ପ୍ରୟାସ କରାଯାଉନାହିଁ। ତେଣୁ ଏହି ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଇବାରେ ଲାଗିଛି। ଯେତିକି ପିଲା ସ୍କୁଲ ପୁନର୍ବାର ଫେରିଛନ୍ତି ବୋଲି ସରକାର ଦେଖାଉଛନ୍ତି, ବାସ୍ତବରେ ତାହା ଠିକ୍ ସଂଖ୍ୟା ନୁହେଁ ବୋଲି କହିଥିଲେ। ଆସ ସ୍କୁଲ ଯିବା ଅଭିଯାନ ଜିଲାରେ ଫେଲ ମାରିଛି। ଜିଲାରେ ଖଣିଜ ସମ୍ପଦ ଉତ୍ତୋଳନ ହୋଇ ସରକାର ସର୍ବାଧିକ ରାଜସ୍ୱ ପାଉଥିଲେ ମଧ୍ୟ ଲୋକଙ୍କ ଉନ୍ନତି ହୋଇନାହିଁ। ଏବେ ବି ୯୨ ପ୍ରତିଶତ ଲୋକ ଗରିବ ସୀମାରେଖା ତଳେ ଅଛନ୍ତି। ୬୦ ପ୍ରତିଶତ ଲୋକ ମାଟି ଘରେ ରହୁଛନ୍ତି। ଲୋକଙ୍କୁ ଶୁଦ୍ଧ ପିଇବା ପାଣି ମିଳିପାରୁନାହିଁ ବୋଲି କହିଥିଲେ।

## ଦିନେ ଆସିଲେ ଏକ ମାସ ବନ୍ଦ

### ପାଇପ୍ ପାଣି ଯୋଗାଣରେ ଅବ୍ୟବସ୍ଥା



କେନ୍ଦୁଝର,୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗାଁରେ ପାଇପ୍ ପାଣି ଯୋଗାଣରେ ଅବ୍ୟବସ୍ଥା ଦେଖାଯାଇଛି। ଗ୍ରୀଷ୍ମ ପ୍ରଭାବ ପ୍ରାରମ୍ଭରୁ ଜଳସ୍ତର ହ୍ରାସ ପାଉଥିବାରୁ ଲୋକେ ପାଣି ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ପାଇପ୍ ପାଣି ଆସୁ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନେ ପାଣି ଛାଡ଼ିବା ପରେ ମାସେ ଆସୁନି। ପାନୀୟଜଳ ସମସ୍ୟା ଲାଗି ରହିଥିବାରୁ ସକାଳ ହେଲେ ନଳକୂଅରୁ ଜଳ ସଂଗ୍ରହରେ ୪୦ ପରିବାର ଭାରି ହଇରାଣ ହେଉଛନ୍ତି। ଏ ନେଇ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ହେଁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ନିୟମିତ ଜଳଯୋଗାଣ କରି ପାନୀୟଜଳ ସମସ୍ୟା ସମାଧାନ କରିବାକୁ ଦୁର୍ଯ୍ୟାଧେନ ପାତ୍ର, ପ୍ରତାପ ପାତ୍ର, ଦିପୁ ପାତ୍ର, ପରେଶ ପାତ୍ର ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## କଂଗ୍ରେସର ଜନ ଅଧିକାର ସମାବେଶ

ଯୋଡ଼ା,୬।୩(ମାନସ ମହାନ୍ତି)



ଜନ ଅଧିକାର ସମାବେଶରେ ଯୋଗଦେଇଥିବା କଂଗ୍ରେସ ନେତୃବୃନ୍ଦ।

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବନେଇକଳା ଦୁର୍ଗାପୂଜା ପଡ଼ିଆରେ ଶୁକ୍ରବାର ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ଜିଲାସ୍ତରୀୟ ଜନ ଅଧିକାର ସମାବେଶ ଅନୁଷ୍ଠିତ ହୋଇଛି। ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଭାଜପା ସରକାରଙ୍କୁ ସମାଲୋଚନା କରି କହିଥିଲେ, ଚମ୍ପୁଆ ନିର୍ବାଚନ ମଣ୍ଡଳୀ ରତ୍ନ ଗର୍ଭା। ଏଠାରେ ଲୁହାପଥର, ମାଙ୍ଗାନିଜ ବହୁଳ ପରିମାଣରେ ରହିଛି। ଶହେରୁ ଊର୍ଦ୍ଧ୍ୱ କମ୍ପାନୀ ଖଣି କାର୍ଯ୍ୟ କରୁଛନ୍ତି। ପ୍ରତିଦିନ ଏକ ଲକ୍ଷ ଟନ୍ ଲୁହାପଥର ଲୁଟ୍ କରାଯାଉଛି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଆଦିବାସୀଙ୍କୁ ଖଣିରେ କାମ ମିଳୁନାହିଁ। ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଖଣି ଓ ଶିଳ୍ପ ସଂସ୍ଥାରେ ସ୍ଥାନୀୟ ଲୋକଙ୍କୁ ଶତକଡ଼ା ୭୫ ଭାଗ ନିଯୁକ୍ତି ବ୍ୟବସ୍ଥା କାହିଁକି ସରକାର କରୁନାହାନ୍ତି ବୋଲି ପ୍ରଶ୍ନ ଉଠାଇଥିଲେ। ସେହିପରି ଡିଏମ୍‌ଏଫ୍‌ରେ ପ୍ରାୟ ୧୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରହିଥିଲେ ହେଁ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ଦିଗରେ ଏହା ଖର୍ଚ୍ଚ କରାଯାଉନାହିଁ। ଖଣି ଅଞ୍ଚଳରେ ଲୋକଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଲଢ଼େଇ କରିବ, ଏଥିପାଇଁ ଯୋଡ଼ା ବ୍ଲକ୍‌ର ୫୦୦ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯିବ। ଯୁବକମାନେ ଖଣି ଓ ଶିଳ୍ପ ସଂସ୍ଥାରେ ସ୍ଥାନୀୟ ନିଯୁକ୍ତିର ହିସାବ ମାଗିବା ସହିତ ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳର ସମସ୍ୟା, ନିଯୁକ୍ତି ସମସ୍ୟା ସହିତ ଅନ୍ୟାନ୍ୟ ସମସ୍ୟା ଉପରେ ତଦାରଖ କରିବେ। ସେହିପରି କାନପୁର ବୃହତ ଜଳ ସେଚନ ପ୍ରକଳ୍ପ ଦୀର୍ଘ ୩୦ ବର୍ଷ ହେବ ସରକାର ଅସମ୍ପୂର୍ଣ୍ଣ କରି ରଖିଛନ୍ତି। ପ୍ରକଳ୍ପରେ ବିସ୍ଥାପନ ଓ ଥଇଥାନ ନିୟମ ୨୦୧୩ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଚମ୍ପୁଆ, ଯୋଡ଼ା, ବଡ଼ବିଲ ଖଣି ଅଞ୍ଚଳବାସୀଙ୍କ ପାଇଁ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ସେ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ, ଜିଲାରୁ ଖଣିଜ ଲୁଟ୍ ହେବାରେ ଲାଗିଛି। ସ୍ଲରି ପାଇପ୍‌ଲାଇନ ଦ୍ୱାରା ଖଣିଜ ପରିବହନ ଯୋଗୁ ଟ୍ରକ୍ ମାଲିକ କାର୍ଯ୍ୟ ହରା ହେଉଛନ୍ତି । ଜିଲାର ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ଖଣି ଅଞ୍ଚଳର ଆଦିବାସୀଙ୍କ କୌଣସି ଉନ୍ନତି ହୋଇପାରୁନାହିଁ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଭାରୀ ଅଜୟ ଲୋଲ୍ଲୁ, ସହ ପ୍ରଭାରୀ ଏସ୍ ଜୟ କୁମାର, କଂଗ୍ରେସ ଦଳ ନେତା ରାମଚନ୍ଦ୍ର କଡମ, ପୂର୍ବତନ ଏମ୍‌ପି ଯଶବନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ଏମ୍‌ପି ଶକୁନ୍ତଳା ଲାଗୁରି, କଂଗ୍ରେସ ଜିଲା ସଭାପତି ମନୋଜ ଜେନା, କଂଗ୍ରେସ ନେତା ଆଲୋକ ମିଶ୍ର, ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାଏକ, କଂଗ୍ରେସ ନେତା ସଂଗ୍ରାମ ଦାସ, ଯୋଡ଼ା ନଗର କଂଗ୍ରେସ କମିଟି ସଭାପତି ସୁବ୍ରତ ନାୟକ, ଚମ୍ପୁଆ ବ୍ଲକ୍ କଂଗ୍ରେସ କମିଟି ସଭାପତି ବିଦ୍ୟୁ ଭୂଷଣ ପତି, ଚମ୍ପୁଆ ଏନ୍‌ଏସି କଂଗ୍ରେସ କମିଟି ସଭାପତି ସର୍ଫରାଜ ଆଲମ, ଯୋଡ଼ା ବ୍ଲକ୍ କଂଗ୍ରେସ କମିଟି ସଭାପତି ଚନ୍ଦ୍ର ବିର ମହାନ୍ତ, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଜଗନ ସାହୁ, ଝୁମ୍ପୁରା ବ୍ଲକ୍ କଂଗ୍ରେସ କମିଟି ସଭାପତି ସୁବ୍ରତ ପ୍ରଧାନ, ଉପ ସଭାପତି କପିଳ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ।

